POSTAL REGISTRATION NO.- PURI/45/2025-27
Visit our website: sssoochanaenewspaper.in
RNI REGISTRATION NO.- ODIBIL/2021/81452



# ଶ୍ରୀ ଶ୍ରୀକ୍ଷେତ୍ର ସୂଚନା

SHREE SHRIKSHETRA SOOCHANA



/shreeshrikshetrasoochana /ssoochana +91 94370 58632

VOL - 4 ❖ ISSUE - 1 ❖ JANUARY 2025 ❖ PURI ❖ PAGE - 8 ❖ Rs. 10.00
ଚତୁର୍ଥ ବର୍ଷ ❖ ପ୍ରଥମ ସଂଖ୍ୟା ❖ ଜାନୁଆରୀ ୨୦୨୫ ❖ ପୁରୀ ❖ ପୃଷ୍ଠା : ୮ ❖ ମୂଲ୍ୟ : ଟ. ୧୦.୦୦

## ସମ୍ପାଦକୀୟ

### ସଂକଳ୍ପ ଦିବସ



ଜାନୁଆରୀ ୨୬ ତାରିଖ ଭାରତୀୟ ଜାତୀୟ ଜୀବନରେ ଏକ ସ୍ମରଣୀୟ ଦିବସ । ଏହି ଦିବସ ସମ୍ବିଧାନରେ ଭାରତକୁ ଏକ ଗଣତାନ୍ତ୍ରିକ, ଧର୍ମ ନିରପେକ୍ଷ, ସମାଜବାଦୀ, ସାଧାରଣତନ୍ତ୍ର ରାଷ୍ଟ୍ର ରୂପେ ଗଠନ କରିବା ସଙ୍ଗେ ସଙ୍ଗେ ପ୍ରତ୍ୟେକ ନାଗରିକଙ୍କୁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ସମାନ ସୁବିଧା ସୁଯୋଗ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି । ଦୀର୍ଘ ୨୦୦ ବର୍ଷର ପରାଧୀନତା ପରେ ଭାରତ ବ୍ରିଟିଶ ସାମ୍ରାଜ୍ୟ ଅଧୀନରୁ ମୁକ୍ତ ହେଲା । ଏଥିପାଇଁ ୧୮୧୭ ଓଡ଼ିଶା ପାଇକ ବିଦ୍ରୋହ ଓ ୧୮୫୭ର ସିପାହୀ ବିଦ୍ରୋହଠାରୁ ୧୯୪୨ ଭାରତଛାଡ଼ ଆନ୍ଦୋଳନ ପର୍ଯ୍ୟନ୍ତ ଅନେକ ପର୍ଯ୍ୟାୟରେ ଦେଶବାସୀଙ୍କୁ ସ୍ୱାଧୀନତା ସଂଗ୍ରାମରେ ବହୁମୂଲ୍ୟ ଦେବାକୁ ପଡ଼ିଛି । ସେମାନଙ୍କୁ ଚରମ ଲାଞ୍ଛନା, ନିର୍ଯ୍ୟାତନା ଓ ଯନ୍ତ୍ରଣା ସହିବାକୁ ପଡ଼ିଛି । ଅସୁମାରୀ ଦେଶଭକ୍ତ ନାରୀ, ପୁରୁଷ ପ୍ରାଣବଳି ଦେଇଛନ୍ତି, ଫାଶୀ ଖୁଣ୍ଟରେ ହସି ହସି ଶହୀଦ ହୋଇଛନ୍ତି । ଏ ଦେଶ, ଏ ଜାତି ପାଇଁ ସେମାନଙ୍କ ତ୍ୟାଗ ଓ ବୀରତ୍ୱର ପଟାନ୍ତର ନାହିଁ । ଆଜିର ପବିତ୍ର ଦିବସରେ ସେହି ବରପୁତ୍ରମାନଙ୍କର ଅପୂର୍ବ ଦେଶପ୍ରୀତିକୁ ସ୍ମରଣ କରି ସେମାନଙ୍କ ପ୍ରତି ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଉଛୁ । ଅନୈକ୍ୟ ମଧ୍ୟରେ ଐକ୍ୟ ଭାରତୀୟ ସଂସ୍କୃତିର ବୈଶିଷ୍ଟ୍ୟ । ନାନା ଭାଷା, ନାନା ଧର୍ମର ଲୋକେ ସେମାନଙ୍କର ଚଳଣି ଓ ଆଚାର ବ୍ୟବହାରର ଭିନ୍ନତା ସତ୍ତ୍ୱେ ମହାନ୍ ଭାରତୀୟ ପରମ୍ପରାକୁ କାଳକାଳ ଧରି ଅକ୍ଷୁଣ୍ଣ ରଖି ଆସିଛନ୍ତି । ମତଭେଦ ସତ୍ତ୍ୱେ ଦେଶର ଐକ୍ୟ ଓ ସଂହତିକୁ ମଜଭୂତ କରି ଏହାକୁ ସମୃଦ୍ଧି ପଥରେ ଆଗେଇ ନେବାକୁ ଆଜିର ଏହି ଦିବସରେ ଆମେ ସଂକଳ୍ପ ଗ୍ରହଣ କରିବା ଉଚିତ । ବିପୁଳ ପ୍ରାକୃତିକ ସମ୍ପଦ ସତ୍ତ୍ୱେ ଓଡ଼ିଶା ଭାରତର ଏକ ଦରିଦ୍ରତମ ରାଜ୍ୟ ରୂପେ ପରିଗଣିତ ହେଉଛି । ଆମକୁ ଏ ପରିସ୍ଥିତି ବଦଳାଇ ଓଡ଼ିଶାକୁ ଏକ ଶ୍ରେଷ୍ଠ ଓ ସମୃଦ୍ଧିଶାଳୀ ରାଜ୍ୟରେ ପରିଣତ କରିବାକୁ ହେବ । ବର୍ତ୍ତମାନ ଆମ ଦ୍ୱାରଦେଶରେ ସମୟ ଓ ସୁଯୋଗ ଉପନୀତ । ଓଡ଼ିଶାର ମାଟି ତଳେ ଭରି ରହିଥିବା ବିପୁଳ ପ୍ରାକୃତିକ ସମ୍ପଦକୁ ବିନିଯୋଗ କରି ଭାରତର ଶିଳ୍ପ ମାନଚିତ୍ରରେ ଓଡ଼ିଶାକୁ ଏକ ଶିଳ୍ପୋନ୍ନତ ରାଜ୍ୟ ରୂପେ ଗଢ଼ି ତୋଳିବା ସଙ୍ଗେ ସଙ୍ଗେ କ୍ଷୁଧା, ଦାରିଦ୍ର୍ୟ, ବେକାରୀ ବିରୁଦ୍ଧରେ ଲଢ଼େଇ କରିବାକୁ ଆମେ ସମସ୍ତେ ମିଳିମିଶି ଆଜିର ଏହି ପବିତ୍ର ଦିବସରେ ସଂକଳ୍ପ ନେବା ।

(ରାଜେଶ କୁମାର ମହାନ୍ତି)

# ବଜେଟ୍-୨୦୨୫-୨୬ ଉପସ୍ଥାପିତ



**ଲଗାତାର ୮ମ ଥର ପାଇଁ ନିର୍ମଳାଙ୍କ ବଜେଟ୍ ଉପସ୍ଥାପନା**

**ଆୟକର ଛାଡ ସୀମା ୧୨ ଲକ୍ଷ ଟଙ୍କାକୁ ବୃଦ୍ଧି**

**ଆଗାମୀ ସପ୍ତାହରେ ଆସିବ ନୂଆ ଆୟକର ବିଲ୍**

**କିଷାନ କ୍ରେଡିଟ୍ କାର୍ଡ ୫ ଲକ୍ଷ ଟଙ୍କାକୁ ବୃଦ୍ଧି**

**ନୂଆଦିଲ୍ଲୀ:** ସଂସଦରେ ଫେବୃଆରୀ ୧ ତାରିଖ ଶନିବାର ଦେଶର ସାଧାରଣ ବଜେଟ୍ ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ୍ ଉପସ୍ଥାପିତ ହୋଇଛି । ପ୍ରତିବର୍ଷ ଭଳି ଚଳିତ ଆର୍ଥିକ ବର୍ଷରେ ମଧ୍ୟ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଉପସ୍ଥାପିତ କଲେ ସଂପୂର୍ଣ୍ଣ ବଜେଟ୍ ।୨୦୨୫ -୨୬ ଆର୍ଥିକ ବର୍ଷର ବଜେଟ୍ ପାଇଁ ରାଷ୍ଟ୍ରପତି ଏବଂ କ୍ୟାବିନେଟର ଅନୁମୋଦନ ପାଇଲା ପରେ ଉପସ୍ଥାପିତ ହୋଇଛି । ଚଳିତ ବଜେଟ୍ ଉପସ୍ଥାପନା ପାଇଁ ନିର୍ମଳା ସୀତାରମଣ ଏକ କ୍ରିମ୍ ରଙ୍ଗର ଶାଢ଼ୀ ପିନ୍ଧିଥିବା ନଜରକୁ ଆସିଛନ୍ତି । ତେବେ ବିଭିନ୍ନ କ୍ଷେତ୍ର ପାଇଁ ଏହି ବଜେଟରେ ବଡ ଘୋଷଣା କରାଯାଇଥିବା ବେଳେ ଠିକ୍ ଦିନ ୧୧ଟା ସମୟରେ ଅର୍ଥମନ୍ତ୍ରୀ ବଜେଟ୍ ଅଭିଭାଷଣ ରଖିଥିଲେ । ଏବଂ ୧ ଘଣ୍ଟା ୧୪ ମିନିଟ୍ ବଜେଟ୍ ଉପସ୍ଥାପନ କରି ନିଜ ବଜେଟ୍ ଅଭିଭାଷଣ ସମାପ୍ତ କରିଥିଲେ । ଅର୍ଥମନ୍ତ୍ରୀ ଭାବେ ନିର୍ମଳା ୮ମ ଥର ପାଇଁ ଲଗାତାର ବଜେଟ୍ ଉପସ୍ଥାପନ କରି ରେକର୍ଡ କରିଛନ୍ତି । ତେବେ କେନ୍ଦ୍ର ବଜେଟରେ ମଧ୍ୟବିତ୍ତଙ୍କୁ ଖୁସି କରିବାକୁ ବଡ଼ ଘୋଷଣା କରିଛନ୍ତି ଅର୍ଥମନ୍ତ୍ରୀ ନର୍ମଳା ସୀତାରମଣ । ମହିଳା ଠାରୁ ଚାଷୀ ପର୍ଯ୍ୟନ୍ତ ସମସ୍ତଙ୍କ ନଜର ୨୦୨୫ ସାଧାରଣ ବଜେଟ ଉପରେ ରହିଥିଲା । ତେବେ ଏହାର ଆଶା ଓ ଆଶଙ୍କାର ସମାପ୍ତ କରିଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ । ଆୟକର ଛାଡ଼ସୀମା ୧୨ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି । ଆୟକର ରିଟର୍ଣ୍ଣ ଫାଇଲ୍ କରିବାର ସମୟସୀମାକୁ ୨ ବର୍ଷରୁ ୪ ବର୍ଷକୁ ବୃଦ୍ଧି କରାଯାଇଥିବା ସୀତାରମଣ ପ୍ରକାଶ କରିଛନ୍ତି । ଏହା ମଧ୍ୟବିତ୍ତଙ୍କ ହୋଇଛି ଆଶିର୍ବାଦ ସଦୃଶ । ତେବେ ବଜେଟ୍ ୨୦୨୫-୨୬; ଡାକ ବିଭାଗକୁ ଏକ ପ୍ରମୁଖ ଲଜିଷ୍ଟିକ୍ସ ସଙ୍ଗଠନରେ ପରିଣତ କରାଯିବ ବୋଲି ମଧ୍ୟ କହିଛନ୍ତି ସୀତାରମଣ । ସରକାର ଭାରତୀୟ ଡାକ ବିଭାଗକୁ ୧.୫ ଲକ୍ଷ ଗ୍ରାମୀଣ ଡାକଘର ସହିତ ଏକ ବୃହତ ଲଜିଷ୍ଟିକ୍ସ ସଂଗଠନରେ ପରିଣତ କରିବାକୁ ଯୋଜନା କରୁଛନ୍ତି । ଭାରତୀୟ ଡାକକୁ ୧.୫ ଲକ୍ଷ ଗ୍ରାମୀଣ ଡାକଘର ସହ ଏକ ବୃହତ ଲଜିଷ୍ଟିକ୍ସ ସଙ୍ଗଠନରେ ପରିଣତ କରାଯିବା । ଇଣ୍ଡିଆ ପୋଷ୍ଟ ପେମେଣ୍ଟବ୍ୟାଙ୍କ ଦ୍ୱାରା ପରିଚାଳିତ ୧.୫ ଲକ୍ଷ ଗ୍ରାମୀଣ ଡାକଘର ସହିତ ଇଣ୍ଡିଆ ପୋଷ୍ଟ ଏବଂ ଗ୍ରାମୀଣ ଅର୍ଥନୀତି ପାଇଁ ଉତ୍ପ୍ରେରକ ଭାବରେ କାର୍ଯ୍ୟ କରିବା ପାଇଁ ୨.୪ ଲକ୍ଷ ଡାକ ସେବକଙ୍କ ଏକ ବିଶାଳ ନେଟୱାର୍କପୁନଃ ଭାବେ ଉଭା ହେବ । ଏହାବାଦ୍ ଖେଳନା ତିଆରି ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ଭାରତକୁ ଖେଳନା ତିଆରିର ବିଶ୍ୱସ୍ତରୀୟ କେନ୍ଦ୍ର କରିବାକୁ ଲକ୍ଷ୍ୟ ରଖାଯାଇଛି, ଖେଳନା ପାଇଁ ଆରମ୍ଭ ହେବ ବଡ ଯୋଜନା । ଉଡାଣ ଯୋଜନାରେ ଉପକୃତ ହେବେ ଦେଢ କୋଟି ଲୋକ ଏବଂ ୧୦ ବର୍ଷରେ ତିଆରି ହେବ ୧୨୦ ବିମାନବନ୍ଦର । ପାହାଡି ଇଲାକାରେ ନିର୍ମାଣ ହେବ ହେଲିପ୍ୟାଡ୍ ଓ ବିମାନବନ୍ଦର । ଏଥିସହ ଡିଜିଟାଲ ଶିକ୍ଷାକୁ ଗୁରୁତ୍ୱ ଦେଇ ସବୁ ସରକାରୀ ମାଧ୍ୟମିକ ସ୍କୁଲରେ ବ୍ରଡବ୍ୟାଣ୍ଡ ବ୍ୟବସ୍ଥା କରିବାକୁ ବଜେଟରେ ଘୋଷଣା କରାଯାଇଛି । ଏଆଇ ଶିକ୍ଷାକୁ ଗୁରୁତ୍ୱ ଦେଇ ସେଥିପାଇଁ ୫୦୦ କୋଟିର ବ୍ୟୟବରାଦ କରାଯାଇଛି । ଜଳ ଜୀବନ ମିଶନକୁ ୨୦୨୮ ମସିହା ଯାଏଁ ବଢାଯାଇଛି । କିଷାନ କ୍ରେଡିଟ୍ କାର୍ଡରେ ଋଣ ପରିମାଣ ୩ ଲକ୍ଷ ଟଙ୍କାରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ଡାଲି ଉତ୍ପାଦନରେ ଭାରତକୁ ଆତ୍ମନିର୍ଭର(ପୃଷ୍ଠା-୭)

**କଣ ହେଲା ଶସ୍ତା**

- -: ଶସ୍ତା ହେଲା ମୋବାଇଲ୍ ବ୍ୟାଟେରୀ
- -: ଶସ୍ତା ହେବ କର୍କଟର ୩୬ଟି ଔଷଧ
- -: ଇ-କାର ଶସ୍ତା ହେବ
- -: ଟିଭି, ମୋବାଇଲ ବି ଶସ୍ତା ହେବ
- -: କପଡା, ବେଲ୍ଟ, ଜୋତା, ପର୍ସ ଶସ୍ତା
- -: ଲେଦର ଜାକେଟ୍ ଶସ୍ତା
- -: ବୈଦ୍ୟୁତିକ ଉପକରଣ ବି ଶସ୍ତା ହେବ
- -: ବୁଣାକାରଙ୍କ ପ୍ରସ୍ତୁତ କପଡା ବି ଶସ୍ତା ହେବ

## ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ ୨୦୨୫



ଭୁବନେଶ୍ୱରରେ ଦୁଇ ଦିନିଆ ନିବେଶକ ସମ୍ମିଳନୀ 'ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ ୨୦୨୫' ଉଦ୍‌ଯାପିତ ହୋଇଯାଇଛି । ଜନତା ମଇଦାନରେ ଆୟୋଜିତ ଏହି ସମ୍ମିଳନୀକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି, ଓଡ଼ିଶା ଖୁବ୍ ଶୀଘ୍ର ବିକାଶର ଶିଖର ଛୁଇଁବ ଓଡ଼ିଶା । ଓଡ଼ିଶା ସଶକ୍ତ ଓ ସମୃଦ୍ଧ ହେବ । ଭାରତକୁ ବୁଝିବା ପାଇଁ ଓଡ଼ିଶା ହେଉଛି ପ୍ରକୃଷ୍ଟ ସ୍ଥାନ । ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟରେ ପରିଣତ ହେବ । ପୂର୍ବ ତୁଳନାରେ ୬ ଗୁଣା ଅଧିକ (ପୃଷ୍ଠା-୭)

## କର୍ତ୍ତବ୍ୟ ପଥରେ ରାଷ୍ଟ୍ରପତିଙ୍କ ତ୍ରିରଙ୍ଗା ଉତ୍ତୋଳନ



**ନୂଆଦିଲ୍ଲୀ:** ପ୍ରତିବର୍ଷ ଭଳି ଚଳିତ ବର୍ଷ ଭାରତର ଐତିହ୍ୟ ସଂସ୍କୃତି ସହ ସେନାର ପରାକ୍ରମ କର୍ତ୍ତବ୍ୟପଥରେ ପ୍ରଦର୍ଶିତ ହୋଇଛି । ୭୬ତମ ସାଧାରଣତନ୍ତ୍ର ଦିବସ ଅବସରରେ କର୍ତ୍ତବ୍ୟ ପଥରେ ଏକ ଭବ୍ୟ ପରେଡ୍ ଅନୁଷ୍ଠିତ ହୋଇଯାଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜାତୀୟ ପତାକା ଉତ୍ତୋଳନ କରିବା ପରେ ଏହି ପରେଡ ଅନୁଷ୍ଠିତ ହୋଇଥିଲା । ମିଳିଥିବା ସୂଚନା ମୁତାବକ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କର୍ତ୍ତବ୍ୟ ପଥରେ ତ୍ରିରଙ୍ଗା ଉତ୍ତୋଳନ କରିଥିଲେ । ଏହା ପରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା ଏବଂ ୨୧ ତୋପ ସଲାମୀ ଦିଆଯାଇଥିଲା । ତାଙ୍କ ସହିତ ମୁଖ୍ୟ ଅତିଥି ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରବୋବୋ ସୁବିଆଣ୍ଟୋ ମଧ୍ୟ ଉପସ୍ଥିତ ଥିଲେ । ଏହି ପରେଡରେ ବ୍ରହ୍ମୋସ କ୍ଷେପଣାସ୍ତ୍ର, ପିନାକା ମଲ୍ଟି-ଲଞ୍ଚର ରକେଟ୍ ସିଷ୍ଟମ, ଅଗ୍ନିବାଣ, ୧୨୨ ଏମଏମ ମଲ୍ଟିପଲ୍ ବ୍ୟାରେଲ୍ ରକେଟ୍ ଲଞ୍ଚର, ଆକାଶ ଅସ୍ତ୍ରଶସ୍ତ୍ର ପ୍ରଣାଳୀ ପ୍ରଦର୍ଶିତ ହୋଇଥିଲା । ଏହାର ଲକ୍ଷ୍ୟଭେଦ କ୍ଷମତା ୪୦୦ କିଲୋମିଟରରୁ ଅଧିକ । ସେହିପରି ନୌସେନାର ସ୍ୱଦେଶୀ ଯୁଦ୍ଧଜାହାଜ ଡିଜାଇନ୍ ପ୍ରଦର୍ଶିତ ହୋଇଥିବାବେଳେ କର୍ତ୍ତବ୍ୟ ପଥରେ ପରେଡରେ ଆଇଏନଏସ ସୁରତ ଏବଂ ନୀଳଗିରିର ପ୍ରତିକୃତି ଦେଖାଯାଇଥିଲା ।

## ଗାନ୍ଧୀମାର୍ଗରେ ଉଡିଲା ତ୍ରିରଙ୍ଗା ପତାକା ଉତ୍ତୋଳନ କଲେ ରାଜ୍ୟପାଳ

**ଭୁବନେଶ୍ୱର:** ଭୁବନେଶ୍ୱରରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି । ଏହି ଅବସରରେ ରାଜଧାନୀର ଗାନ୍ଧୀ ମାର୍ଗରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟପାଳ ଡ. ହରିବାବୁ କମ୍ଭମପତି ଜାତୀୟ ପତାକା ଉତ୍ତୋଳନ କରିଛନ୍ତି । ଏଥିସହିତ ରାଜ୍ୟସ୍ତରୀୟ ପରେଡରେ ଅଭିବାଦନ କରିଛନ୍ତି । ଆଜି ସକାଳୁ ଜୟ ହିନ୍ଦ୍ ଧ୍ୱନୀରେ ପ୍ରକମ୍ପିତ ହୋଇଥିଲା ଗାନ୍ଧୀ ମାର୍ଗ । ଆଜି ମୁଖ୍ୟ ଆକର୍ଷଣ ସାଜିଥିଲା ଶିବ ତାଣ୍ଡବ ଓ ଅଘୋରୀ ନୃତ୍ୟ । ଘୋଡା ନାଚ ସହ ଢେମ୍ସା, ସମ୍ବଲପୁରୀ , ସାନ୍ତାଳୀ ଭଳି ଆଦିବାସୀ ନୃତ୍ୟ ପ୍ରଦର୍ଶିତ ହୋଇଥିଲା । ସ୍କେଟିଂ ବୁଟ୍ ପିନ୍ଧି କୁନି କୁନି ପିଲାମାନେ ଦୁଃସାହସିକ ନୃତ୍ୟ ପ୍ରଦର୍ଶନ କରିଛନ୍ତି । ଯାହା ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଚଳିତଥର ଝାଡଖଣ୍ଡ ପୁଲିସର ଏକ ଦଳ ପରେଡରେ ଭାଗ ନେଇଥିଲା । (ପୃଷ୍ଠା-୭)



## ଭାରତ ବିଶ୍ୱରେ ଏକ କ୍ରିୟାଶୀଳ ପ୍ରଜାତନ୍ତ୍ର ଭାବରେ ଉଭା ହୋଇଛି: ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ



**ପୁରୀ:** ଆମ ଦେଶର ସମ୍ବିଧାନ ର ମୂଳ ମନ୍ତ୍ର ନ୍ୟାୟ, ସ୍ୱାଧୀନତା, ସମାନତା ଓ ଭାଇଚାରା । ଏଥିପାଇଁ ଭାରତ ସମଗ୍ର ବିଶ୍ୱ ରେ ଏକ କ୍ରିୟାଶୀଳ ପ୍ରଜାତନ୍ତ୍ର ଭାବେ ଉଭା ହୋଇଛି ବୋଲି ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ମତବ୍ୟକ୍ତ କରିଛନ୍ତି । ପୁରୀ ଜିଲ୍ଲା ସ୍ତରୀୟ ୭୬ ତମ ସାଧାରଣତନ୍ତ୍ର ଦିବସ ମହା ସମାରୋହରେ ପାଳିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ, ପାରେଡ ପରିଦର୍ଶନ ଓ ଅଭିବାଦନ ଗ୍ରହଣ କରି ଉପ ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହ ଦେଓ ସ୍ୱାଧୀନତା ଆନ୍ଦୋଳନର ସଂଗ୍ରାମୀ ମାନଙ୍କ ପ୍ରତି ଭକ୍ତି ପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗ ଓ ଆମ ସମସ୍ତଙ୍କ ସମନ୍ୱୟରେ ୨୦୩୬ ସୁଦ୍ଧା ଉତ୍କର୍ଷ ଓଡିଶା ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ହୋଇ ପାରିବ ବୋଲି କହିଥିଲେ ।ନୂତନ ରାଜ୍ୟ ସରକାର ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ପାଳନ କରୁଛନ୍ତି ।ସରକାର ଗଠନ ହେବା ପରେ ପରେ ପ୍ରତିଶ୍ରୁତି ମୁତାବକ ଶ୍ରୀମନ୍ଦିର ୪ ଦ୍ୱାର ଖୋଲାଯିବା ସହ ଶ୍ରୀମନ୍ଦିର ପାଇଁ ୫୦୦ କୋଟି ଟଙ୍କାର କର୍ପସ ଫଣ୍ଡ ବ୍ୟବସ୍ଥା କରିଛନ୍ତି । ସୁଭଦ୍ରା ଯୋଜନା ରେ ଏକ କୋଟି ମହିଳା ଙ୍କୁ ୪୦୦ କୋଟି ଟଙ୍କା ବିତରଣ କରାଯାଇଛି ଓ ଚଳିତ ମାର୍ଚ୍ଚ ସୁଦ୍ଧା ସମସ୍ତଙ୍କୁ ୨ ୟ ପର୍ଯ୍ୟାୟ ଅର୍ଥ ପ୍ରଦାନ କରାଯିବ । କୃଷକ ମାନଙ୍କୁ ଇନପୁଟ ସବସିଡ ହିସାବରେ କ୍ୟୁଣ୍ଟାଲ ପିଛା ୮୦୦ ଟଙ୍କା ହିସାବରେ ପ୍ରାୟ ୨ ହଜାର କୋଟି ଟଙ୍କାର ସହାୟତା ଯୋଗାଇ ଦିଆଯାଇଛି ।ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମାଗଣା ବିଜୁଳି ଯୋଜନାରେ ଛାତ ଉପରେ ସୋଲାର ପ୍ରୋଜେକ୍ଟ ପାଇଁ ଅତିରିକ୍ତ ୨୫ ହଜାର ଟଙ୍କା ଦେବାକୁ କ୍ୟାବିନେଟ ମଞ୍ଜୁର କରିଛନ୍ତି । ପ୍ରଥମ ଥର ପାଇଁ ଅଦିନିଆ ବର୍ଷା କୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କରାଯାଇ ସହଯୋଗ ମିଳିଛି । ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ରେ ଭାରତ ର ୨୯ ହଜାରରୁ ଅଧିକ ହସପିଟାଲ ରେ କ୍ୟାସଲେସ ଚିକିତ୍ସା ର ସୁବିଧା କରାଯାଇଛି । (ପୃଷ୍ଠା-୭)






# ପୁରୀରେ ବେଟି ବଚାଓ ବେଟି ପଢାଓ ଉତ୍ସବ ପାଳନ



**ପୁରୀ:** ପୁରୀ ଜିଲ୍ଲା ସ୍ତରୀୟ ବେଟି ବଚାଓ ବେଟି ପଢାଓ କାର୍ଯ୍ୟକ୍ରମର ଦଶ ବର୍ଷ ପୂର୍ତ୍ତି ପାଳନ ଉତ୍ସବ ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ପୁରାଣ ଓ ଇତିହାସରେ ନାରୀକୁ ସର୍ବୋଚ୍ଚ ସମ୍ମାନ ଦିଆଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ବାଚସ୍ପତି ସୁରମା ପାଢ଼ୀ ଓ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଉଦାହରଣ ଦେଇ ସେମାନେ କନ୍ୟା ହୋଇ ମଧ ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣି ପାରିଛନ୍ତି ବୋଲି କହିଥିଲେ।ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ସମାଜସେବୀ ତଥା ଶିଶୁ ସୁରକ୍ଷା ବିଶେଷଜ୍ଞ ଘାସିରାମ ପଣ୍ଡା, ସମାଜସେବୀ ଜ୍ୟୋତି ମିଶ୍ର ପ୍ରମୁଖ ଯୋଗ ଦେଇ ସମ୍ପ୍ରତି ସମାଜରେ ଅବକ୍ଷୟ ଘଟିବା ସହ ନାରୀ ପ୍ରତି ସମ୍ମାନ ବୋଧର ହ୍ରାସ ହେଉଛି। ଏକଥା କିନ୍ତୁ ଭୁଲି ଯିବା ନାହିଁ ଯେ ଯେଉଁ ନାରୀ ସୃଷ୍ଟି କରିପାରେ ସେ ଚାହିଁଲେ ଧ୍ୱଂସ ବି କରିପାରେ। ଆସନ୍ତୁ ଆମେ ଶପଥ ନେବା ନାରୀ ବା କନ୍ୟା ମାନଙ୍କୁ ଉପଯୁକ୍ତ ସମ୍ମାନ ଓ ଆଦର ଦେବା ଓ ଏକ ସୁସ୍ଥ ସମାଜ ଗଠନରେ ସହାୟକ ହେବା ବୋଲି କହିଥିଲେ। ଏହି ଅବସରରେ କନ୍ୟା ସନ୍ତାନ ସୁରକ୍ଷା ପାଇଁ ଏକ ଶପଥ ପାଠ ଅନୁଷ୍ଠିତ ହୋଇଥିଲା। ଏଥିରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଅଧ୍ୟକ୍ଷତା କରିବା ସହ ସଭା ପରିଚାଳନା କରିଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ସମସ୍ତଙ୍କୁ ସ୍ୱାଗତ ସହ କାର୍ଯ୍ୟକ୍ରମ ର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକସ୍ତରୀୟ କାଉନସେଲିଂ କ୍ୟାମ୍ପ୍ ଆୟୋଜନ ବୈଠକ ଅନୁଷ୍ଠିତ

**ପୁରୀ:** ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଏଥିରେ ଅଧ୍ୟକ୍ଷତା କରିବା ସହ ଯୁବ ବର୍ଗ ମାନଙ୍କୁ କର୍ମ ନିଯୁକ୍ତି ଦେବା ଓ ଉଦ୍ୟୋଗୀ କରାଇବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବୋଲି କହିଥିଲେ। ବର୍ତ୍ତମାନର ଯୁବ ପିଢୀ ଦକ୍ଷତା ପୂର୍ଣ୍ଣ ଓ ବୈଷୟିକ ଜ୍ଞାନରେ ଅଭ୍ୟସ୍ତ ଥିବାରୁ ସେମାନଙ୍କ ଉପଯୋଗୀ କର୍ମ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବା।ପ୍ରତ୍ୟେକ ବ୍ଲକରେ କାଉନସେଲିଂ ମାଧ୍ୟମରେ ସେମାନଙ୍କୁ ସଚେତନ ଓ ସକ୍ଷମ କରିବା।ଯାହା ଫଳରେ ସାମାଜିକ ଶୃଙ୍ଖଳା ସହ ପ୍ରତ୍ୟେକ ଆର୍ଥିକ ସମୃଦ୍ଧି ରେ ସାମିଲ ହୋଇ ପାରିବେ ବୋଲି କହିଥିଲେ। ଏହି ଆଭାସୀ ବୈଠକରେ ଅତିରିକ୍ତ ଏସ ପି ଦେବବ୍ରତ ଚକ୍ର, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି,ସମସ୍ତ ବୈଷୟିକ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ,ଆଭାସୀ ମାଧ୍ୟମରେ ସମସ୍ତ ବ୍ଲକର ବିଡ଼ିଓ ପ୍ରମୁଖ ଯୋଗ ଥିଲେ।ପ୍ରାରମ୍ଭରେ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୁକ୍ତି ଅଧିକାରୀ ସୁବାସ ଚନ୍ଦ୍ର ବେହେରା ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମ ର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।ଏହି କାଉନସେଲିଂ ସମସ୍ତ ବ୍ଲକ ସଦର ମହକୁମା ରେ ଆୟୋଜିତ ହେବ। ଜାନୁଆରୀ ୨୭ ତାରିଖ ଅସ୍ତରଙ୍ଗ ବ୍ଲକରେ,ଜାନୁଆରୀ ୨୮ ତାରିଖରେ କାକଟପୁର, ଫେବୃୟାରୀ ୧ ତାରିଖରେ ନିମାପଡା, ଫେବୃୟାରୀ ୫ରେ ଗୋପ, ଫେବୃୟାରୀ ୩ରେ ପିପିଲି, ଫେବୃୟାରୀ ୪ରେ ଡେଲାଙ୍ଗ, ଜାନୁଆରୀ ୨୯ରେ ସତ୍ୟବାଦୀ, ଜାନୁଆରୀ ୩୧ରେ କଣାସ, ଜାନୁଆରୀ ୩୦ରେ ପୁରୀ ସଦର, ଫେବୃୟାରୀ ୬ରେ ବ୍ରହ୍ମଗିରି ଓ ଫେବୃୟାରୀ ୭ରେ କୃଷ୍ଣ ପ୍ରସାଦ ବ୍ଲକରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ନିଯୁକ୍ତି ଅଧିକାରୀ ଶ୍ରୀ ବେହେରା ସୂଚନା ଦେଇଥିଲେ।



# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଲେ ପୁରୀ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ




ପୁରୀ ଜିଲ୍ଲା ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର କାର୍ଯ୍ୟାଳୟ ରେ ଅବସ୍ଥାପିତ ଥିବା ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ବିଶ୍ୱନାଥ ପଣ୍ଡା, ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ ରେ ସ୍ଥାନ ପାଇଛନ୍ତି। ଶ୍ରୀ ପଣ୍ଡା ନିରବିଚ୍ଛିନ୍ନ ଭାବରେ ୧୦ମ ଥର ପାଇଁ ମହାମହିମ ରାଷ୍ଟ୍ରପତିଙ୍କ ଅସ୍ଥାୟୀ କାର୍ଯ୍ୟାଳୟକୁ ବୈଷୟିକ ଜ୍ଞାନ ବା ଆଇ ଟି ସହାୟତା ପ୍ରଦାନ କରି ସେ ଏହି ରେକର୍ଡର ଅଧିକାରୀ ହୋଇ ପାରିଛନ୍ତି । ଏହି ସଫଳତା ପାଇଁ ତାଙ୍କୁ ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ ଡଃ ଅଶୋକ କୁମାର ହୋତା ଓ ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଶୁଭେଚ୍ଛା ଜଣାଇଛନ୍ତି । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ମହାମହିମ ରାଷ୍ଟ୍ରପତି ବାରମ୍ବାର ପୁରୀ ଗସ୍ତ କରୁଥିବାରୁ ତାଙ୍କ ଅସ୍ଥାୟୀ କାର୍ଯ୍ୟାଳୟକୁ ଆଇ ଟି ସହାୟତା ପ୍ରଦାନ କରିବା ପାଇଁ ଶ୍ରୀ ପଣ୍ଡା ବାରମ୍ବାର ସୁଯୋଗ ପାଇଛନ୍ତି।

# ପୁରୀରେ ମତଦାନ ଦିବସ ପାଳିତ




**ପୁରୀ:** ଭାରତ ବିଶ୍ୱର ସର୍ବ ବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ।ଏହାକୁ ନିଜର ମତଦାନ ଦ୍ୱାରା ସମୃଦ୍ଧ କରାଯାଇ ପାରିବ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡଃ ଶରତ ଚନ୍ଦ୍ର ମହାପାତ୍ର।ଆଜି ପୂର୍ବାହ୍ନରେ ସଦଭାବନା ସଭା ଗୃହରେ ଜିଲ୍ଲା ପ୍ରଶାସନ ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ୧୫ ତମ ଜାତୀୟ ମତଦାତା ଦିବସ ପାଳିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମତଦାତାର ଅଧିକାର, ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ନିର୍ବାଚନ ଏକ ସାମୁହିକ କାର୍ଯ୍ୟକ୍ରମ। ଏହା କୁ ସମସ୍ତ ଙ୍କ ସହଯୋଗ ଓ ସମନ୍ୱୟର ସହ ପରିଚାଳନା କରାଯାଏ। ମତଦାନ ହିଁ ସୁଦୃଢ ଗଣତନ୍ତ୍ର ପାଇଁ ଅତ୍ୟନ୍ତ ଜରୁରୀ। ପ୍ରତ୍ୟେକ ଭୋଟର ନିଶ୍ଚିତ ମତଦାନ ପାଇଁ ସେ ଅନୁରୋଧ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପଜିଲ୍ଲାପାଳ ରାଜ କିଶୋର ଜେନା ପ୍ରମୁଖ ଯୋଗ ଦେଇ ମତଦାନ ଗଣତନ୍ତ୍ରର ଏକ ମହାପର୍ବ। ୧୯୫୦ ଆଜିର ଦିନ ରେ ନିର୍ବାଚନ କମିଶନ ଗଠିତ ହେବା ଅବସରରେ ଜାତୀୟ ମତଦେବା ଦିବସ ପାଳିତ ହେଉଛି। ଦେଶର ପ୍ରାୟ ୯୯.୧ ରହିଛନ୍ତି। ତେବେ ମତଦାନ ସମୟରେ ଅନେକ ଅନୁପସ୍ଥିତି ରହୁଛନ୍ତି। ପ୍ରତ୍ୟେକ ନିର୍ବାଚନ ରେ ନିଶ୍ଚିତ ସାମିଲ ହେବାକୁ ମତ ସେମାନେ ମତ ଦେଇଥିଲେ। ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ ସମସ୍ତଙ୍କୁ ସ୍ୱାଗତ ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।ଗତ ନିର୍ବାଚନରେ ସଫଳ ନିର୍ବାଚନ ପରିଚାଳନା ଓ ଯୁବ ଭୋଟର ମାନଙ୍କୁ ଉତ୍ସାହିତ କରିବା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଓ ସଚେତନତା ପାଇଁ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ବ୍ରହ୍ମଗିରି ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଧିକାରୀ ଶ୍ରୀ ପୃଷ୍ଟି ଓ କାକଟପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ର ଅତିରିକ୍ତ ରିଟର୍ଣ୍ଣିଂ ଅଧିକାରୀ ତଥା ବିଡ଼ିଓ କାକଟପୁର ବିଷ୍ଣୁ ଗୋବିନ୍ଦ ଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ସଞ୍ଚାଳନ କରିଥିଲେ।

# ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର



ପୁରୀ: ପୁରୀ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି କାକଟପୁର ବ୍ଲକ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୯୨ ଗୋଟି ଅଭିଯୋଗ ମିଳିଥିଲା।ଏଥିରେ ବ୍ୟକ୍ତିଗତ ଅଭିଯୋଗ ୭୨ ଗୋଟି, ଗ୍ରାମ ଅଭିଯୋଗ ୧୨ ଗୋଟି ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ରୁ ସହାୟତା ପାଇଁ ୮ ଗୋଟି ସହାୟତା ସମ୍ପର୍କରେ ରହିଥିଲା।ତନ୍ମଧ୍ୟରୁ ୮ ଗୋଟିର ତୁରନ୍ତ ସମାଧାନ କରାଯାଇଥିଲା। ଅଭିଯୋଗ ଗୁଡିକ ଆଇନ ଅନୁସାରେ ଅନୁଧ୍ୟାନ କରି ଯଥାଶୀଘ୍ର ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପ୍ରେରଣ କରାଯାଇଥିଲା ବୋଲି ଅଭିଯୋଗ ପ୍ରକୋଷ୍ଠ ପକ୍ଷରୁ ସୂଚନା ଦିଆଯାଇଛି।ଅନ୍ୟ ମାନଙ୍କ ମଧ୍ୟରେ ଉପ ଜିଲ୍ଲାପାଳ ରାଜ କିଶୋର ଜେନା,ଅତିରିକ୍ତ ଏସ ପି ବିଷ୍ଣୁ ପ୍ରସାଦ ପତି, ସିଡିଏମଓ ଡା ରୂପ ଭାନୁ ମିଶ୍ର, ନିମାପଡା ଡିଏସ୍‌ପି ପ୍ରଭାତ କୁମାର ମଲ୍ଲିକ,ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜୀବ ବେହେରା, କାକଟପୁର ବିଡ଼ିଓ ବିଷ୍ଣୁ ଗୋବିନ୍ଦ, ତହସିଲଦାର ଅଙ୍କିତା ଅନନ୍ଦିତା ଅଭିଯୋଗ ଶୁଣାଣି ଅଧିକାରୀ ଆଶୁତୋଷ ଦେ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଏହି ଶୁଣାଣିରେ ଯୋଗ ଦେଇଥିଲେ।

# ବିଶ୍ୱମ୍ଭର ବିଦ୍ୟାପୀଠରେ ବାର୍ଷିକ ଉତ୍ସବ

**ପୁରୀ:** ସହରର ସର୍ବ ପୁରାତନ ଅଗ୍ରଣୀ ଶିକ୍ଷାନୁଷ୍ଠାନ ବିଶ୍ୱମ୍ଭର ବିଦ୍ୟାପୀଠର ବାର୍ଷିକ ଉତ୍ସବ ଉନ୍ମେଷ ୨.୦,୨୦୨୫ ମହାସମାରୋହରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରୀ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ରଶ୍ମି ରଞ୍ଜନ ସାହୁ , ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମର୍ଥା, ଟାଉନ ଥାନା ଅଧିକାରୀ ସୁନିଲ କୁମାର ପ୍ରଧାନ, ବିଶ୍ୱମ୍ଭର ବିଦ୍ୟାପୀଠ ପରିଚାଳନା କମିଟିର ଉପସଭାପତି ଇତିଶ୍ରୀ ଦାଶ ଯୋଗଦାନ କରି କାର୍ଯ୍ୟକ୍ରମକୁ ଶୁଭ ଉଦ୍ଘାଟନ କରିଥିଲେ।ଉକ୍ତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀମତୀ ଶୁଭଶ୍ରୀ ଦାଶ।ବିଦ୍ୟାଳୟର ଗୌରବକୁ ଅକ୍ଷୁର୍ଣ୍ଣ ରଖି ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯିବା ସହ ବିଦ୍ୟାଳୟର ମୁଖପାତ୍ର ‘ବିକାଶ’ ଉନ୍ମୋଚିତ କରାଯାଇଥିଲା। ବିଦ୍ୟାଳୟର କୃତି ଛାତ୍ରୀ ତାନିଆ ପ୍ରିୟଦର୍ଶନୀ ଏବଂ ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ ଚାମ୍ପିଅନ ହୋଇଥିବା ୨କୃତୀ ଛାତ୍ରଛାତ୍ରୀ କରୁଣାକର ମୁର୍ମୁ ଓ ବୈଷ୍ଣବୀ ଆଚରିଙ୍କୁ ସମ୍ମାନିତ କରାଯାଇଥିଲା । ବିଦ୍ୟାଳୟରେ ବିଭିନ୍ନ ହାଉସର କାର୍ଯ୍ୟକ୍ରମକୁ ଅନୁଧ୍ୟାନ କରି ମାର୍କଣ୍ଡେୟ ହାଉସ(ରେଡ ହାଉସ) କୁ ଏହି ଶିକ୍ଷା ବର୍ଷର ଉତ୍କୃଷ୍ଟ ହାଉସ ଭାବେ ବିବେଚିତ କରାଯାଇଥିଲା ତତ୍ ସହିତ ଶୃଙ୍ଖଳା, ପରିଚାଳନା ଓ ପରିଚ୍ଛନ୍ନତା କ୍ଷେତ୍ରରେ ଇନ୍ଦ୍ରଦ୍ୟୁମ୍ନ(ୟେଲୋ ହାଉସ), ଶ୍ୱେତ ଗଙ୍ଗା (ଗ୍ରୀନ ହାଉସ) ଓ ମହୋଦଧି(ବ୍ଲୁ ହାଉସ) କୁ ସମ୍ମାନିତ କରାଯାଇଥିଲା। ଏହାପରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପରିଚାଳନା କରିଥିଲେ ଶିକ୍ଷକ ସୁରେଶ ଚନ୍ଦ୍ର ତ୍ରିପାଠୀ, ଶିକ୍ଷୟିତ୍ରୀ ରାଜଶ୍ରୀ ମିଶ୍ର ଓ ରଶ୍ମିତା ଦାଶ । ଧନ୍ୟବାଦ୍ ଜଣାଇଥିଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀମତୀ ଶୁଭଶ୍ରୀ ଦାଶ।

# ଆଇନ ସଚେତନତା ଶିବିର ଅନୁଷ୍ଠିତ




**ପୁରୀ:** ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧକ୍ଷ୍ୟା ତଥା ଜିଲ୍ଲା ଓ ଦୌରାଜଜ ଅଜନ୍ତା ଷଡଙ୍ଗୀଙ୍କ ନିର୍ଦ୍ଦେଶ ଅନୁଯାଇ ଆଇନ ସେବା ପ୍ରାଧିକରଣର ସମ୍ମିଳନି କକ୍ଷରେ “କିନ୍ନରଙ୍କ ଅଧିକାର” ସମ୍ପର୍କିତ ଏକ ଆଇନ ସଚେତନତା ଶିବିର ଆୟୋଜିତ କରାଯାଇଅଛି । ଏହି କାର୍ଯକ୍ରମରେ ପ୍ରାଧିକରଣର ସଚିବ ଅମିତ କୁମାର ବାରିକ ଉଦଘଓଟନ କରିବା ସହ ଆଇନସେବା ପ୍ରାଧିକରଣ ଅଧିନିୟମ ୧୯୮୭ରେ ଥିବା ବିଭିନ୍ନ ବିଧି ବ୍ୟବସ୍ଥାର ଉଦେଶ୍ୟ ଓ ଆଭିମୁଖ୍ୟ, ନିଶୁଳ୍କ ଆଇନ ସେବା ଯୋଗ୍ୟ ହିତାଧିକାରୀ, ଲୋକ ଅଦାଲତ, ମଧ୍ୟସ୍ଥତା କେନ୍ଦ୍ର, ନ୍ୟାୟ ସଂଯୋଗ ଏବଂ ସମ୍ମୂଖ କାର୍ଯାଳୟ ବିଷୟରେ ଅବଗତ କରାଇବା । ଏହି କାର୍ଯକ୍ରମରେ Fast Track POCSO Judgର ରମାନାଥ ପଣ୍ଡା ଉପରୋକ୍ତ ବିଷୟ ବସ୍ତୁ ଉପରେ ଆଲୋଚନା କରିବା ସହ କିନ୍ନରମାନଙ୍କୁ ସମାଜରେ ମର୍ଜଦାର ସହ ବଞ୍ଚିବାର ଅଧିକାର ରହିଛି ବୋଲି ନିଜ କହିଥିଲେ। କିନ୍ନରମାନଙ୍କ ମଧ୍ୟରେ ଉପସ୍ଥିତ ମା’ ଦେବକୀ କିନ୍ନର ଏବଂ ପାରା ଲିଗାଲ ଭଲାନ୍ଟିୟର ରାଜବୀର ଦାସ କିନ୍ନରମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବିଷୟରେ ଜଣାଇଥିଲେ ଓ ସମାଜରେ ସ୍ୱବଲମ୍ବୀ କିପର ହେବେ ଓ ସେମାନଙ୍କ ପ୍ରତି ସମାଜରେ ରହିଥିବା ମାନସିକତା ପରିବର୍ତନ ପାଇ ଅନୁରୋଧ କରିଥିଲେ।

# ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସରେ ବିଶ୍ୱମ୍ଭର ବିଦ୍ୟାପୀଠର ଛାତ୍ରୀଙ୍କ କୃତିତ୍ୱ



**ପୁରୀ:** ମଧ୍ୟପ୍ରଦେଶର ଭୋପଳରେ ୩ ଜାନୁଆରି ୨୦୨୫ ରୁ ୬ ଜାନୁଆରି ୨୦୨୫ ପର୍ଯ୍ୟନ୍ତ ୩୧ତମ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ ପ୍ରଦର୍ଶନୀରେ ବିଶ୍ୱମ୍ଭର ବିଦ୍ୟାପୀଠର ଦଶମ ଶ୍ରେଣୀର ଛାତ୍ରୀ ଆରାଧନା ସାହୁ ତାଙ୍କର ପ୍ରକଳ୍ପ ପ୍ରଦର୍ଶନ କରି ସମ୍ମାନିତ ହୋଇଛନ୍ତି କ୍ଷ ତାଙ୍କର ପ୍ରକଳ୍ପର ଶୀର୍ଷକ ଥିଲା ‘WATER HYACINTH:A CURSE TO BLESSING"ଓ ଏହି ପ୍ରକଳ୍ପ ପ୍ରସ୍ତୁତିରେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟତ୍ରୀ କଲ୍ୟାଣୀ ସାହୁ ଏବଂ ପ୍ରିୟଦର୍ଶନୀ ସାହୁ ମାର୍ଗଦର୍ଶନ କରାଇଥିଲେ।ଭୋପାଳରୁ ଫେରିବା ପରେ ଆରାଧନାକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ତଥା ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଶୁଭଶ୍ରୀ ଦାଶ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ନାମକୁ ଜାତୀୟ ସ୍ତରରେ ପହଞ୍ଚାଇ ପୁରୀ ଜିଲ୍ଲା ପାଇଁ ଗର୍ବ ଓ ଗୌରବ ଆଣିଥିବାରୁ ସମସ୍ତେ ପ୍ରଶଂସା କରିଥିଲେ।

# ପୁରୀରେ ନେତାଜୀ ଜୟନ୍ତୀ ପାଳିତ

ପୁରୀ: ନେତାଜୀ ସୁଭାଷ ବୋଷଙ୍କ ଜୟନ୍ତୀ ଅବସରରେପୁରୀର ନେତାଜୀ ସଂଗ୍ରାହାଳୟରେ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ନେତାଜୀଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରିଥିଲେ। ଉପସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ର ଛାତ୍ରୀ ମାନଙ୍କୁ ନେତାଜୀଙ୍କ ଜୀବନୀ ଉପରେ ଆଲୋକପାତ କରାଇଥିଲେ। ଏଥିରେ ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ନେତାଜୀ ସ୍ମୃତି ପରିଷଦ ପୁରୀର ସଭାପତି ବିପିନାନନ୍ଦ ମିଶ୍ର, ଆବାହକ ଆଇନଜୀବୀ ଶିବ ପ୍ରସାଦ ମିଶ୍ର, ସମ୍ପାଦକ ଜଗନ୍ନାଥ ଦେଓ, ଶ୍ୟାମ ସୁନ୍ଦର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ସଂଗ୍ରାହାଳୟର ମରାମତି ଓ ଉନ୍ନୟନ କାର୍ଯ୍ୟ ଚାଲୁଥିବାରୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ଏହାର ଅନୁଧ୍ୟାନ କରିବା ସହ କାର୍ଯ୍ୟ କରୁଥିବା ସଂସ୍ଥା କୁ ପଚାରି ବୁଝିଥିଲେ।





# ବିଭିନ୍ନ କାର୍ଯ୍ୟକ୍ରମର ତଦାରଖ କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା



ପୁରୀ: ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ସହ ପିପିଲି ସ୍ଥିତ ଗାଁପଡା ଅଞ୍ଚଳ ପରିଦର୍ଶନ କରି ଭବିଷ୍ୟତର ସମ୍ଭାବନା ଗୁଡିକୁ ଦୃଷ୍ଟିରେ ରଖି ସେଠାରେ ଏକ ଚାନ୍ଦୁଆ ଶିଳ୍ପ ଏବଂ ସଂସ୍କୃତି କେନ୍ଦ୍ରର ବିକାଶ ପାଇଁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ପୁରୀ, ଯୁଗ୍ମ ସଚିବ, ପର୍ଯ୍ୟଟନ ବିଭାଗ, ସବ୍-କଲେକ୍ଟର, ପୁରୀ, ତହସିଲଦାର, ପିପିଲି ଏବଂ ଅନ୍ୟାନ୍ୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା । ଏହା ପରେ ନିମାପଡାର ସାଇଁସ ଶାସନ ପଞ୍ଚାୟତର ଖିରିଖିଆ ଗ୍ରାମଠାରେ ଜଳସମ୍ପଦ ବିଭାଗ ଦ୍ୱାରା ୧ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟରେ କାର୍ଯ୍ୟକାରୀ ହେବାକୁ ଥିବା ୫ ଗୋଟି ପ୍ରକଳ୍ପର ଶୁଭ ଭିତ୍ତି ପ୍ରସ୍ତର ସ୍ଥାପନ କରିବା ସହ ନିମାପଡ଼ାର ନୂଆସନ୍ଥ ପଞ୍ଚାୟତର ଘୋଡକ ଛକ ଠାରେ ଗ୍ରାମ୍ୟ ବିକାଶ ବିଭାଗ ଦ୍ୱାରା ଦୁଇଟି ପ୍ରକଳ୍ପ ଯଥା ଗବକୁଣ୍ଡ ଠାରୁ ବଳଙ୍ଗା ରାସ୍ତାର ପ୍ରଶସ୍ତିକରଣ ଏବଂ ନିମାପଡ଼ା - ବଳଙ୍ଗା ରାସ୍ତାଠାରୁ ବେରୋବୋଇ ରାସ୍ତାର ମରାମତି କାର୍ଯ୍ୟର ଶୁଭ ଉଦ୍ଘାଟନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ଉପମୁଖ୍ୟମନ୍ତ୍ରୀ। ପରେ ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳର ଡେଲ୍ଟା ଛକ ନିକଟରେ ଜଳ ସମ୍ପଦ ବିଭାଗ ଦ୍ୱାରା ୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ କାର୍ଯ୍ୟକାରୀ ହେବାକୁ ଥିବା ୬ ଗୋଟି ପ୍ରକଳ୍ପର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଗୋପ ବ୍ଲକର ନାଗପୁର ପଞ୍ଚାୟତ ଅଧିନସ୍ଥ ସୋଲପୁର ଠାରେ ମା’ ଚର୍ଚ୍ଚିକାଙ୍କ ଦର୍ଶନ କରି ମା’ଙ୍କ ପାଖରେ ରାଜ୍ୟବାସୀ ଏବଂ ସ୍ଥାନୀୟ ଜନ ସାଧାରଣଙ୍କ ମଙ୍ଗଳ କାମନା କରିବା ସହ ସୋଲପୁର ଛକ ନିକଟରେ ଜଳ ସମ୍ପଦ ବିଭାଗ ଦ୍ୱାରା ୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ କାର୍ଯ୍ୟକାରୀ ହେବାକୁ ଥିବା ୭ ଗୋଟି ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ଉପମୁଖ୍ୟମନ୍ତ୍ରୀ ।

# ଶ୍ରୀମନ୍ଦିରରେ ମୋବାଇଲ ବାରଣ ନେଇ ଲାଗିଲା ସୂଚନା ଫଳକ

ପୁରୀ: ଶ୍ରୀମନ୍ଦିର ଗର୍ଭଗୃହ ଭିଡିଓ ଭାଇରାଲ୍ ଘଟଣା ପରେ ଶ୍ରୀମନ୍ଦିରରେ ମୋବାଇଲ୍ କଟକଣା ଉପରେ ସଚେତନତା ସୃଷ୍ଟି କରାଯାଇଛି। ଚାରିଦ୍ୱାରରେ ସୂଚନା ଫଳକ ଓ ପୋଷ୍ଟର ଲଗାଯାଇଛି। ମୋବାଇଲ୍ ଜଗିବାକୁ ଚାରିଦ୍ୱାରରେ ୪ଟି ସ୍ୱତନ୍ତ୍ର ଟିମ୍ ନିୟୋଜିତ ହୋଇଛନ୍ତି। ଅପରପକ୍ଷେ ଗତକାଲି ପଶ୍ଚିମଦ୍ୱାରରେ ଡ୍ରୋନ୍ ଉଡ଼ାଇ ପୁରୀର ଜଣେ ଯୁବକ ଧରାପଡ଼ିଛନ୍ତି ଓ ତାଙ୍କୁ ଥାନାରେ ଅଟକ ରଖାଯାଇଛି। ଡ୍ରୋନ୍ ମାଲିକ ପେଣ୍ଠକଟା ଅଞ୍ଚଳର ବୋଲି ଜଣାପଡ଼ିଛି। ଦୁଇଦିନ ତଳେ ଶ୍ରୀମନ୍ଦିର ଗର୍ଭଗୃହର ଭିଡିଓ ଭାଇରାଲ୍ ହୋଇଥିଲା। ଶ୍ରୀମନ୍ଦିର ଜଣେ ଜଣାଶୁଣା ସେବକ ବାହାର ରାଜ୍ୟର ଭକ୍ତଙ୍କୁ ନେଇ ଏହି ଭିଡିଓ ଉତ୍ତୋଳନ କରାଇଥିଲେ। ଏହି ଭିଡିଓ ବାଙ୍କେ ବିହାରୀ ନାଥ ନାମକ ବ୍ୟକ୍ତିଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ଛଡ଼ାଯାଇଥିବା ଦେଖିବାକୁ ମିଳିଥିଲା। ଏହି ଘଟଣା ପରେ ପୁରୀ ପୁଲିସ ଭକ୍ତଙ୍କ ସୂଚନା ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ସିଂହଦ୍ୱାର, ଉତ୍ତରଦ୍ୱାର, ପଶ୍ଚିମ ଦ୍ୱାର ଓ ଦକ୍ଷିଣଦ୍ୱାରରେ ପ୍ରବେଶ ପଥରେ ‘ଶ୍ରୀମନ୍ଦିରରେ ମୋବାଇଲ୍ ନିଷେଧାଦେଶ’ ସମ୍ପର୍କରେ ସୂଚନା ଲଗାଇଛି।

# ସାଧାରଣତନ୍ତ୍ର ଦିବସରେ କବିତା ପାଠୋତ୍ସବ

ପୁରୀ: ଜିଲ୍ଲା ଲୋକ ସମ୍ପର୍କ ବିଭାଗ ଓ ପୁରୀ ସାହିତ୍ୟ ଉତ୍ସବ ସମିତିର ମିଳିତ ଆନୁକୂଲ୍ୟରେ ଦେଶରେ ୭୬ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସଦଭାବନା ସଭା କକ୍ଷରେ ଦେଶାତ୍ମବୋଧକ କବିତା ପାଠ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିଥିଭାବେ ବର୍ଷିଆନ ସମାଜସେବୀ ପ୍ରତିମା ମିଶ୍ର, ସୂଚନା ଲୋକ ସମ୍ପର୍କ ବିଭାଗ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରମୁଖ ମଂଚାସୀନ ଥିଲେ । କବିତା ଆସରକୁ ସଂଯୋଜନା କରିଥିଲେ ସୁ ସଂଯୋଜିକା ସର୍ବାଣୀ ଦାସ । ଆୟୋଜିତ କବିତା ଆସରରେ କୃଷ୍ଣଚନ୍ଦ୍ର ରଥ, ଜ୍ୟୋତିର୍ବିଦ ଡକ୍ଟର ମୀନକେତନ ପଟ୍ଟଯୋଶୀ, ଡକ୍ଟର ସସ୍ମିତା ମିଶ୍ର, ଅଧ୍ୟାପକ ଅଶୋକ କୁମାର ମିଶ୍ର, ଭାରତୀ ଭୂଷଣ ଦାସ, ଲଲାଟେନ୍ଦୁ ମିଶ୍ର, ଶିବ ମିଶ୍ର, ସୁରେଶ ପଟ୍ଟନାୟକ, ପ୍ରତିଭା ଦାସ, ବିଚିତ୍ର ରଞ୍ଜନ ମହାପାତ୍ର,ସାରଙ୍ଗ ଧର ଷଡ଼ଙ୍ଗୀ, ରାଧାକୃଷ୍ଣ ପ୍ରଧାନୀ, ପ୍ରବାସିନୀ ମିଶ୍ର, ପୌର୍ଣ୍ଣମାସି ଦେବି, ନାରାୟଣ ନନ୍ଦ, ବିପିନ ଦଳାଇ, ମୀରା ମହାନ୍ତି, ସୁବାସ ଚନ୍ଦ୍ର ମିଶ୍ର ପ୍ରମୁଖ ସ୍ୱରଚିତ ଦେଶାତ୍ମବୋଧକ କବିତା ଆବୃତ୍ତି କରିଥିଲେ।

# ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ



ପୁରୀ: ଚଳିତ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ମହିଳା ମାନଙ୍କ ମଧ୍ୟରେ ଏକ ଝୋଟି ପ୍ରତିଯୋଗିତା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ରେ ଅନୁଷ୍ଠିତ ହୋଇଥିଲା।ମହିଳା ମାନଙ୍କ ମଧ୍ୟରେ ପ୍ରତିଭା ରହିଛି ଓ ଏହାର ପରିପ୍ରକାଶ ପାଇଁ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆ ଯାଇଥିଲା।ଏହି ପ୍ରତିଯୋଗିତାରେ ୪୪ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।ପ୍ରତିଯୋଗିତାରେ ଜଲି ସାହିର ଲିପି ବେହେରା ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ମାଟିଆପଡାର ରେବତୀ ବେହେରା ଦ୍ୱିତୀୟ,ବାସେଳୀ ସାହିର ଛବିରାଣୀ ମିଶ୍ର ଓ ତ୍ରିନାଥ ନଗରର ରୋମ୍ୟା ଅନ୍ୟଶା ମହାନ୍ତି ତୃତୀୟ ସ୍ଥାନ ହାସଲ କରିଥିଲେ।କାର୍ଯ୍ୟକ୍ରମ ରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ପ୍ରୋଗ୍ରାମ ଅଫିସର ଚନ୍ଦ୍ର ପ୍ରଭା ଦେଇ, ପ୍ରୋଜେକ୍ଟ ଅଧିକାରୀ ତଥା ପ୍ରୋଟେକ୍ସନ ଅଧିକାରୀ ସୁହାଗୀ ହେମ୍ବ୍ରମ,ପୁରୀ ସଦର ସିଡିପିଓ ଗୀତାଞ୍ଜଳି ନାୟକ ,ପୁରୀ ମୁନିସିପାଲ୍ଟି ସିଡିପିଓ ବିନୋଦିନୀ ତ୍ରିପାଠୀ, ସୁପରଭାଇଜର ବାଲ୍ୟବତୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।କାର୍ଯ୍ୟକ୍ରମ ରେ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଓ ସମାଜ କଲ୍ୟାଣ ଅଧିକାରୀଙ୍କ କାର୍ଯ୍ୟାଳୟ ର କର୍ମଚାରୀ ମାନେ ସହଯୋଗ କରିଥିଲେ।



# ସାଧାରଣତନ୍ତ୍ର ଦିବସ ଅବସରରେ ସମ୍ବର୍ଦ୍ଧନା





**ପୁରୀ:** ପୁରୀ ଜିଲ୍ଲା ସ୍ତରୀୟ ୭୬ ତମ ସାଧାରଣତନ୍ତ୍ର ଦିବସ ଅବସରରେ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବିଭିନ୍ନ ବ୍ୟକ୍ତି ବିଶେଷ ଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। ଦିବସ ର ମୁଖ୍ୟ ଅତିଥି ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ନିଜର ନିଷ୍ଠା ଓ ପରିଶ୍ରମ ବଳରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ୧୭ ଜଣ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଫ୍ଟବଲର ବରିଷ୍ଠ କୋଚ ରାଜ କିଶୋର ପଟ୍ଟନାୟକ, କ୍ରୀଡାବିତ ମୃନ୍ମୟୀ ଦାଶ, ଲକ୍ଷ୍ମୀ ନାରାୟଣ ମହାପାତ୍ର, ଅଂଶୁମାନ କର, ଅର୍ଚ୍ଚନା ପ୍ରଧାନ, ଅମର ଜ୍ୟୋତି ବଳିଆରସିଂ,ସୌମ୍ୟ ରଞ୍ଜନ ସ୍ୱାଇଁ, ଶୁଭମ ବିଶ୍ୱାଳ,ମୌସୁମୀ ଦାସ,ଆରାଧା ଶତାକ୍ଷୀ ମିଶ୍ର, ରୁଦ୍ରାଦିତ୍ୟ ନାୟକ, ଆୟୁଷ୍ମାନ ମିଶ୍ର, ଆୟୁଷ ଗୌଡ଼, ମା ଭୈରବୀ ଶ୍ରେଷ୍ଠ ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦକ ମମତା ରାଣୀ ପାଇକରାୟ,, ଅଙ୍ଗନବାଡ଼ି କର୍ମୀ ବିଜୟଲକ୍ଷ୍ମୀ ସ୍ୱାଇଁ, ସଫେଇ କର୍ମଚାରୀ ଅର୍ଜୁନ ନାଏକ ଓ ଚାରୁ ଦେଇଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିବା ସହ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମ ରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ,ଏସ ପି ବିନୀତ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ସର୍ଭେର ଶୁଭାରମ୍ଭ



**ପୁରୀ:** ନିଜର ଘରଟିଏ କରିବା ସମସ୍ତ ଙ୍କ ପାଇଁ ସ୍ୱପ୍ନ ଥାଏ। ନୂତନ ସରକାର ଏହି ସ୍ୱପ୍ନ କୁ ବାସ୍ତବ କରିବାକୁ ସଂକଳ୍ପବଦ୍ଧ ବୋଲି କହିଛନ୍ତି ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ । ପିପିଲି ବ୍ଲକ ଯଶୁଆପୁର ପଞ୍ଚାୟତ ର ଅର୍ଜୁନ ସିଂହପୁର ଗ୍ରାମରେ ରାଜ୍ୟ ସ୍ତରୀୟ ନୂତନ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ସର୍ଭେର ଶୁଭାରମ୍ଭ ମନ୍ତ୍ରୀ ଶ୍ରୀ ନାଏକ ଙ୍କ ଦ୍ୱାରା କରା ଯାଇଥିଲା। ଏହା ପରେ ସାତସଙ୍ଖ ମେଳଣ ପଡିଆ ଠାରେ ଏକ ସାଧାରଣ ସଭା ରେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ନାଏକ ରାଜ୍ୟ ର ସମସ୍ତ ଅଧିବାସୀଙ୍କ ପାଇଁ ପକ୍କାଘରର ବାସ୍ତବତା ପୂରଣ ହେବାକୁ ଯାଉଛି ବୋଲି କହିଥିଲେ। ଏ ସରକାର ଲୋକ ଙ୍କ ସରକାର। ସରକାର ଆବାସଯୋଜନା ୨୦୨୪ ନାମରେ ଏକ ଆପ ବ୍ୟବସ୍ଥା କରିଛନ୍ତି। ଏହାକୁ ହିତାଧିକାରୀ ଉପଯୋଗ କରି ଆବେଦନ କରି ପାରିବେ। ଦୁଇ ପ୍ରକାର ଘର ଦିଆଯାଉଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ଓ ଏଥିରୁ ବଞ୍ଚିତ ରହୁଥିବା ବା ବିପର୍ଯ୍ୟୟ ସମୟରେ କ୍ଷତି ଗ୍ରସ୍ତ ଲୋକ ଙ୍କୁ ଅନ୍ତୋଦୟ ଗୃହ ଯୋଜନା ରେ ଗୃହ ଯୋଗାଇ ଦିଆଯିବ। ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର ଆବାସ ଯୋଜନାରୁ ବଞ୍ଚିତ ପ୍ରତ୍ୟେକ ହିତାଧିକାରୀ ଙ୍କ ମୁହଁ ରେ ହସ ଫୁଟାଇବାକୁ ଆଜି ଠାରୁ ଶୁଭାରମ୍ଭ ହେଲା।ନିଜେ ଯୋଗ୍ୟ ହିତାଧିକାରୀ ମଧ ଆବାସ ଆପ ମାଧ୍ୟମରେ ଘର ପାଇଁ ଆବେଦନ କରି ପାରିବେ। ଆବେଦନ ପାଇଁ ପୂର୍ବ ତୁଳନାରେ ଅଧିକ ସହଜ ପ୍ରକ୍ରିୟା କରାଯାଇଛି ବୋଲି ମତ ଦେଇଥିଲେ।ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଦଳମତ ନିର୍ବିଶେଷରେ ପ୍ରତ୍ୟେକ ଙ୍କୁ ଆବାସ ଯୋଗାଇ ଦିଆଯିବ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନର ତଥା ଶାସନ ସଚିବ ଏସ ଏନ ଗିରିଶ ସ୍ୱାଗତ ଭାଷଣ ଦେବା ସହ ୧୪ ହଜାର ଅଧିକାରୀ ଙ୍କୁ ଘରକୁ ଘର ବୁଲି ସର୍ଭେ କରିବାକୁ ତାଲିମ ପ୍ରଦାନ କରାଯାଇଛି ବୋଲି କହିଥିଲେ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ଦାସ କାର୍ଯ୍ୟକ୍ରମ ର ଲକ୍ଷ୍ୟ ଉଦ୍ଦେଶ୍ୟ ଓ ହିତାଧିକାରୀଙ୍କ ଦାୟିତ୍ୱ ସମ୍ପର୍କରେ ବିଷଦ ଭାବେ ଅବଗତ କରାଇଥିଲେ। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଉପ ନିର୍ଦ୍ଦେଶକ କୁଳମଣି ମିଶ୍ର, ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଶେଷରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜୀବ କୁମାର ବେହେରା ପସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ,ବିଡିଓ,ଲୋକ ପ୍ରତିନିଧି ଓ ହିତାଧିକାରୀ ମାନେ ଉପସ୍ଥିତ ଥିଲେ।

# କୋଣାର୍କ ଦେଖି ବିମୋହିତ ହେଲେ ସିଙ୍ଗାପୁର ରାଷ୍ଟ୍ରପତି





**ପୁରୀ/କୋଣାର୍କ:** ସିଙ୍ଗାପୁର ରାଷ୍ଟ୍ରପତି ଥର୍ମନ ସନ୍ମୁଗରତ୍ନମ ଆଜି ସସ୍ତ୍ରୀକ ପୁରୀ ଜିଲ୍ଲା ଗସ୍ତରେ ଆସି ସଦର ବ୍ଲକ୍ ଅନ୍ତର୍ଗତ ଚନ୍ଦନପୁର ନିକଟ କଳାଗ୍ରାମ ରଘୁରାଜପୁର ଓ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ରଘୁରାଜପୁରର ପଟ୍ଟଚିତ୍ର, ତାଳପତ୍ର କଳା, ମାଟି ଓ ଗୋବର କଣ୍ଢେଇ, ପଥର କଳା ଆଦି ଦେଖି ଅଭିଭୂତ ହୋଇଛନ୍ତି। ପଟ୍ଟଚିତ୍ର ଶିଳ୍ପୀଙ୍କ ସହ ପ୍ରତ୍ୟକ୍ଷ ଆଲୋଚନା କରିଛନ୍ତି। ପଟ୍ଟଚିତ୍ର କଳା ପ୍ରସ୍ତୁତି ବି ଦେଖିଛନ୍ତି। ଆଲୋଚନା ବେଳେ ନିଜ ଅଞ୍ଚଳର ଲୋକଙ୍କୁ ଏଠାକୁ ଆସିବାକୁ ଓ ରଘୁରାଜପୁରର କଳା ଶିଖିବାକୁ ପରାମର୍ଶ ଦେବେ ବୋଲି ସେ କହିଛନ୍ତି। ରଘୁରାଜପୁରର ବିକାଶ ପାଇଁ ଆର୍ଥିକ ସହାୟତା କ୍ଷେତ୍ରରେ ବି ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଗାଁ ସଂପାଦକ ଅଭିରାମ ଦାସ କହିଛନ୍ତି। ଏହି ଅବସରରେ ସେ ଶିଳ୍ପଗୁରୁ ଦୀନବନ୍ଧୁ ମହାପାତ୍ରଙ୍କ ଦ୍ୱାରା ତାଳପତ୍ରରେ ପ୍ରସ୍ତୁତ ରାମାୟଣ କଳାକୁ ୧ଲକ୍ଷ ୫୦ହଜାର ଟଙ୍କା ଦେଇ କିଣିଥିଲେ। ସେହିଭଳି ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ଦ୍ୱାରା ପ୍ରସ୍ତୁତ କୃଷ୍ଣଲୀଳାର ତାଳପତ୍ର କଳା ବି ୫୦ହଜାର ଟଙ୍କା ଦେଇ କିଣିଥିଲେ।

# ଶହୀଦ ଦିବସରେ ନୀରବତା ପାଳନ

**ପୁରୀ:** ଗାନ୍ଧିଜୀ ଙ୍କ ଅହିଂସା ମନ୍ତ୍ର ସମଗ୍ର ବିଶ୍ୱ କୁ ଆନ୍ଦୋଳିତ କରିଥିଲା। ତାଙ୍କର ତ୍ୟାଗ, ସମୟାନୁବର୍ତ୍ତିତା ଓ ସତ୍ୟ ପ୍ରତି ନିଷ୍ଠା ସମସ୍ତଙ୍କୁ ସବୁଦିନ ପାଇଁ ଅନୁପ୍ରାଣିତ କରିଚାଲିଥିବ ବୋଲି ମତ ଦେଇଛନ୍ତି ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା। ଶହୀଦ ଦିବସ ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନୀରବତା ଅବଲମ୍ବନ କରାଯାଇ ମହାତ୍ମାଗାନ୍ଧୀ ଙ୍କ ଉଦ୍ଦେଶ୍ୟ ରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ସମସ୍ତ ଅଧିକାରୀ ଓ କର୍ମଚାରୀ ନୀରବ ରହି ମହାତ୍ମାଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ସହକାରୀ ଜିଲ୍ଲାପାଳ ତନ୍ମୟ ଦାସ, ପଞ୍ଚାନନ ପରିଜା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ।

# ସାଞ୍ଝା କାର୍ଯ୍ୟକ୍ରମ: ପୁରୀ, ଭୁବନେଶ୍ୱର ଓ କଟକକୁ ଗୋଟିଏ ସହରରେ ପରିଣତ କରାଯିବ: ମନ୍ତ୍ରୀ




**ପୁରୀ:** ଭାରତ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବ୍ୟାପାର ମନ୍ତ୍ରଣାଳୟ ଏବଂ ପୁରୀ ପୌର ପରିଷଦର ମିଳିତ ଆନୁକୂଲ୍ୟରେ ପୁରୀ ଶରଧାବାଲି ଠାରେ ଆରମ୍ଭ ହୋଇଛି ୫ ଦିନିଆ ସାଞ୍ଝା କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରି ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ଏହି ମେଳା ଆମ ସ୍ୱୟଂ ସହାୟକ ଗୋଷ୍ଠୀ ର ମା ମାନଙ୍କ ପାଇଁ ଏହା ଏକ ବଡ ଉପଲବ୍ଧି। ସେମାନଙ୍କ ଉତ୍ପାଦିତ ସାମଗ୍ରୀ ର ପ୍ରଦର୍ଶନ ଓ ବିକ୍ରୀ ପାଇଁ ଏହା ସୁଯୋଗ ସୃଷ୍ଟି ସହ ସେମାନଙ୍କୁ ଉତ୍ସାହିତ କରିବ ବୋଲି କହିଥିଲେ। ଓଡିଶା ପାଇଁ ଏହା ଏକ ଶୁଭ ସଂକେତ ଯେ ଏହି କାର୍ଯ୍ୟକ୍ରମ ପାଇଁ ଦେଶର ୨୫ଟି ପାଇଲଟ ସହର ମଧ୍ୟରେ ପୁରୀ କୁ ବାଛି ଥିବା ରୁ କେନ୍ଦ୍ର ସରକାରଙ୍କୁ ସେ ଅଶେଷ ଧନ୍ୟବାଦଜଣାଇଥିଲେ। ୨୦୪୭ ସୁଦ୍ଧା ବିକଶିତ ଦେଶ କରିବା ଲକ୍ଷ୍ୟ ରେ ସମସ୍ତ ବଡ ବଡ କାର୍ଯ୍ୟକ୍ରମ ଓଡିଶା ଓ ପୁରୀ ରେ କରାଯାଉଛି, ଯାହା ବିକଶିତ ଓଡିଶା ରେ ସହାୟକ ହେବ। ସାଞ୍ଝା ମା ମାନଙ୍କ ଆର୍ଥିକ ଅଭିବୃଦ୍ଧି ରେ ସହାୟକ ହେବ। ଏହା ୨କୋଟି ମା ମାନଙ୍କୁ ଲକ୍ଷପତି ମା କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିବ ବୋଲି ମନ୍ତ୍ରୀ କହିଥିଲେ। ପୁରୀ ଭୁବନେଶ୍ୱର କଟକକୁ ଗୋଟିଏ ସହରରେ ପରିଣତ କରାଯିବା ସହ ପୁରୀକୁ ସବୁଜ, ସ୍ୱଚ୍ଛ, ସୁସ୍ଥ ସହରରେ ପରିଣତ କରିବାକୁମନ୍ତ୍ରୀ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇସହରାଞ୍ଚଳର ଗରିବୀ ହଟାଇବା ପାଇଁଗୃହ ଓ ନଗର ଉନ୍ନୟନ ବିଭାଗର ଏହା ଏକ ସୁନ୍ଦର ପଦକ୍ଷେପ ବୋଲି କହିଥିଲେ।ଏହାର ମୂଳ ଲକ୍ଷ୍ୟ କୌଣସି ପରିବାର ଗରିବୀରେ ନ ରହୁ। ମା ମାନେ ପରିବାରର ମୁଖ୍ୟ ଅଙ୍ଗ। ସେମାନଙ୍କ ଉତ୍ପାଦ ପାଇଁ ଏହି ବ୍ୟବସ୍ଥା ସେମାନଙ୍କୁ ପ୍ରୋତ୍ସାହିତ କରିବା ସହ ବଜାର ସୃଷ୍ଟି ହେବ ଓ ଆର୍ଥିକ ମଜବୁତ କରାଇବ ବୋଲି ସେ କହିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସାଞ୍ଝା ସମସ୍ତଙ୍କୁ ଏକତ୍ରିତ କରି ଏକ ଆର୍ଥିକ ସମୃଦ୍ଧି ଦିଗରେ ମାର୍ଗଦର୍ଶନ କରାଇବ ବୋଲି କହିଥିଲେ।

# ପୁରୀ ସାହିଯାତକୁ ଲୋକକଳାକୁ ଲୋକଭାଭିମୁଖୀ କରିବା ପାଇଁ ସରକାରୀ ଆର୍ଥିକ ସହାୟତା ଦାବି



**ପୁରୀ:** ସାହିଯାତ ପାଇଁ ଆଠସାହିରେ ଆରମ୍ଭ ହୋଇଗଲାଣି କସରତ । ମୁହଁରେ ରଙ୍ଗ ବୋଳି, ଦେହରେ ତାଟି ବାନ୍ଧି ନାଚିବାକୁ ସେବାୟତ ପରିବାରର ଉଚ୍ଚ ଶିକ୍ଷିତମାନେ ଆଗେଇ ଆସୁଛନ୍ତି। ହେଲେ ଏହି ସର୍ବବୃହତ୍ ମୁକ୍ତାକାଶ ଯାତ ଲାଗି ନା ସରକାରୀ ଅନୁଦାନ ବଢୁଛି, ନା ପ୍ରୋତ୍ସାହନ ମିଳୁଛି। ୯ଦିନର ଏହି ଯାତରେ ୪୦ରୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହେଉଛି। ଅଥଚ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦୈନିକ ୩୦ ହଜାର ହିସାବରେ ୯ ଦିନ ପାଇଁ ମିଳୁଛି ୨ଲକ୍ଷ ୭୦ ହଜାର ଟଙ୍କା ଆର୍ଥିକ ଅନୁଦାନ। ଖାଲି ସେତିକି ନୁହେଁ, ଶ୍ରୀକ୍ଷେତ୍ରର ଏହି ସମୃଦ୍ଧ ପରମ୍ପରାର ଶିଳ୍ପୀମାନଙ୍କୁ ୧୫ ବର୍ଷରୁ ଅଧିକ ହେଲା ଓଡ଼ିଶା ସଂଗୀତ ନାଟକ ଏକାଡେମି ପୁରସ୍କାରଟିଏ ମିଳି ନାହିଁ। ରାସ୍ତାର ଅବସ୍ଥା ଏତେ ଶୋଚନୀୟ ଯେ ୫୦ କେଜିର ମେଢ଼ ବନ୍ଧେଇଥିବା କଳାକାରଟିଏ ଚାଲିବା ବେଳେ ପଡ଼ିଯିବାର ଆଶଙ୍କା ରହିଛି। ଅଥଚ ପ୍ରଶାସନ ଏନେଇ ସ୍ଥାଣୁ । ବରଗଡ଼ ଧନୁଯାତ୍ରା ପାଇଁ ଦିଆଯାଉଥିବା ଅନୁଦାନ ରାଶି ୧୦ଲକ୍ଷରୁ ୧ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ପ୍ରତ୍ୟେକ କଳାକାରଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯାଇଛି। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ଶ୍ରୀକ୍ଷେତ୍ରର ବହୁ ପ୍ରାଚୀନ ସାହିଯାତ ପରମ୍ପରା ପାଇଁ ସ୍ୱତନ୍ତ୍ର ଅନୁଦାନ ତ ଦୂରେ ଥାଇ କଳାର ପ୍ରଚାର ପ୍ରସାର ପାଇଁ ମଧ ପ୍ରଶାସନ କିମ୍ବା ମରକାରଙ୍କର ଆନ୍ତରିକତା ନାହିଁ କେବଳ ସାହିଯାତ ନିକଟତର ହେଲେ ମାହି ମୁରବୀମାନଙ୍କୁ ଡାକି କାମଚଳା ବୈଠକ କରି ଦାୟିତ୍ୱ ମାରିଦେଉଛନ୍ତି। ଅଥଚ ବର୍ଷବର୍ଷ ଧରି ଅନୁରୋଧ ଓ ବିଭିନ୍ନ ଦାବି ରଖୁଥିଲେ ମୁଦ୍ଧା ଏହାକୁ କର୍ଣ୍ଣପାତ କରାଯାଉନାହିଁ। ଦୋଳମଣ୍ଡପସାହି, ଶ୍ରୀମନ୍ଦିର ସଂଲଗ୍ନ ୮ସାହିର ବିଭିନ୍ନ ମେଳ ତଥା ଜାଗା ଆଖଡ଼ା ଘର ଏହି ଅନନ୍ୟ ପରମ୍ପରାରେ ସାମିଲ୍ ହୁଅନ୍ତି। କାଳିକାଦେବୀ ସାହି ବାଲିସାହି, ହରଚଣ୍ଡୀସାହି, କୁଣ୍ଡେଇବେଣ୍ଟ ସାହି, ମାର୍କଣ୍ଡେଶ୍ୱରସାହି ଗଉଡ଼ବାଡ଼ସାହି, ମାଟିମଣ୍ଡପସାହି ସାହିଯାତରେ ସାମିଲ୍ ହୁଅନ୍ତି। ଚୈତ୍ର ଶୁକ୍ଳପକ୍ଷର ଅଷ୍ଟମି ତିଥିରୁ ଆରମ୍ଭ ହୋଇ ବୈଶାଖ କୃଷ୍ଣପକ୍ଷ ଦ୍ୱିତୀୟା ପର୍ଯ୍ୟନ୍ତ ସାହିଯାତ ଚାଲେ । ପ୍ରାଚୀନ କଳାକୁ ସୁରକ୍ଷିତ ରଖିବା ଲାଗି ରାଜା ମହାରାଜାମାନେ ଏହି କଳାକୁ ସାହି ବାସିନ୍ଦାଙ୍କୁ ହସ୍ତାନ୍ତର କରିଥିଲେ। କିନ୍ତୁ ପ୍ରଶାସନିକ ସ୍ତରରେ ଏନେଇ ପ୍ରୋତ୍ସାହନ ନାହିଁ । ଏନେଇ ଆଠସାହି ଆଖଡ଼ା ମଳିତ ସମନ୍ୱୟ ସମିତିର ସଂଯୋଜକ ତଥା ବାଲିସାହି ଆଖଡ଼ାର ସମ୍ପାଦକ ନରେନ୍ଦ୍ର ମହାନ୍ତି କହିଛନ୍ତି, ବରଗଡ଼ ଧନୁଯାତ୍ରା ପାଇଁ ସରକାର ହାତ ଖୋଲି ଘୋଷଣା କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ଶ୍ରୀକ୍ଷେତ୍ରର ସାହିଯାତ ପ୍ରତି ସରକାରଙ୍କ ଉଦାସୀନତା ଓ ପ୍ରଶାସନର ନିଷ୍କ୍ରିୟତା ଗ୍ରହଣୀୟ ହେଉନାହିଁ। ଜଣେ କଳାକାର ସାହିଯାତ ପାଇଁ ୨ ମାସ ସମୟ ଦିଅନ୍ତି। ପ୍ରାୟ ଲକ୍ଷେ ଟଙ୍କା ନିଜକୁ ପ୍ରସ୍ତୁତ କରିବା ସହ ନିଜର ବେଶଭୂଷା ପାଇଁ ଖର୍ଚ୍ଚ କରନ୍ତି। ଆଠସାହି ଆଖଡ଼ାର କଳାକାରମାନଙ୍କ ଆନ୍ତରିକତା ଯୋଗୁ କେବଳ ଏହି ପ୍ରାଚୀନ କଳା ଏଯାବତ ବଞ୍ଚିଛି। ବିଡ଼ମ୍ବନା ଏହି ଯେ ବାର୍ଷିକ ସାଂସ୍କୃତିକ କ୍ୟାଲେଣ୍ଡରରେ ଏହାକୁ ଗୁରୁତ୍ୱ ଦିଆଯାଉନାହିଁ। ସାହିଯାତ ପରମ୍ପରା ଦେଖିବା ଓ ଗବେଷଣା କରିବା ପାଇଁ ବହୁ ବ୍ୟକ୍ତିବିଶେଷ ଆସୁଛନ୍ତି, କିନ୍ତୁ ପ୍ରଚାର ପ୍ରସାର ଅଭାବରୁ ପର୍ଯ୍ୟଟକଙ୍କ ଆଗମନ ସେଇ ଅନୁପାତରେ ବୃଦ୍ଧି ପାଉନାହିଁ। ତେଣୁ ଆର୍ଥିକ ଅନୁଦାନ ବୃଦ୍ଧି, ସାହି ଗଳିକନ୍ଦିର ରାସ୍ତା ଓ ଆଲୋକୀକରଣ ସମସ୍ୟା ଦୂର କରିବା ନିତାନ୍ତ ଆବଶ୍ୟକ ବୋଲି ସେ କହିଛନ୍ତି । ସଂଗୀତ ନାଟକ ଏକାଡେମି ପୁରସ୍କାର ୨୦ ବର୍ଷ ହେଲା କଳାକାରଙ୍କୁ ମିଳିନି ଆଠ ସାହିର ୬୦ ଜାଗା ଘରର କଳାକାରମାନେ ଐତିହ୍ୟକୁ ବଞ୍ଚାଇ ରଖିବା ଲାଗି ନିଜର ମୂଳ ମଜୁରି ଛାଡ଼ି ଯାତ ଅଭ୍ୟାସ କରନ୍ତି। ନିଜ ହାତରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରନ୍ତି। ଏହି କଳାକୁ ବଞ୍ଚାଇ ରଖିଥିବା ବହୁ ପାରମ୍ପରିକ କଳାକାରମାନେ ମୃତ୍ୟୁକୁ ବରଣ କରିସାରିଲେଣି। ଆହୁରି ଅନେକ ଜୀବିତ ଅଛନ୍ତି। କିନ୍ତୁ ପ୍ରୋତ୍ସାହନ ଲାଗି ଜିଲ୍ଲା ପ୍ରଶାସନ ୨୦ ବର୍ଷରୁ ଅଧିକ ହେଲା ଓଡ଼ିଶା ସଂଗୀତ ନାଟକ ଏକାଡେମି ସମ୍ମାନ ପାଇଁ ମଧ୍ୟ ସୁପାରିସ୍ କରିନାହାନ୍ତି। ଶେଷଥର ପାଇଁ ଉପାସୀ ମହାସୁଆର ଏହି ସମ୍ମାନ ପାଇଥିଲେ। ତା'ପରେ ସାହିଯାତ କଳାକାରଙ୍କୁ ଓଡ଼ିଶା ସଂଗୀତ ନାଟକ ଏକାଡେମି ସମ୍ମାନ ପାଇଁ ବିଚାରକୁ ମଧ ନିଆଯାଇନାହିଁ।

# ଶ୍ରୀକ୍ଷେତ୍ରରେ ପହଞ୍ଚିଲା ପ୍ରଥମ ପର୍ଯ୍ୟାୟ ରଥକାଠ



**ପୁରୀ:** ଶ୍ରୀପଞ୍ଚମୀ ଦିନ ରଥଯାତ୍ରାର ଆଦ୍ୟ ପର୍ବ ପୂର୍ବକ ରଥକାଠ ପୂଜାର୍ଚ୍ଚନା ଅନୁଷ୍ଠିତ ହେବ। ଏହିଦିନ ତିନିଟି ୧୨ ଫୁଟିଆ ଧଉରା କାଠକୁ ବିଧିପୂର୍ବକ ପୂଜାର୍ଚ୍ଚନା କରାଯିବ। ଏହା ପୂର୍ବରୁ ଆଜି ପ୍ରଥମ ପର୍ଯ୍ୟାୟରେ ନୟାଗଡ଼ ବନଖଣ୍ଡ ଦଶପଲ୍ଲା ବନାଞ୍ଚଳରୁ ୧୦୧ ଖଣ୍ଡ ରଥ କାଠ ରଥଖଳା ନିକଟରେ ପହଞ୍ଚିଛି। ଯେଉଁଥିରେ ୪୮ ଖଣ୍ଡ ଅସନ ଓ ୫୩ ଖଣ୍ଡ ଧଉରା କାଠ ରହିଛି। ସୂଚନାଯୋଗ୍ୟ, ରଥ ନିର୍ମାଣ ପାଇଁ ୮୬୫ ଖଣ୍ଡ କାଠ ଆବଶ୍ୟକ ଥିବାବେଳେ ଗତବର୍ଷର ୫୧ ଖଣ୍ଡ କାଠ ବଳକା ରହିଛି। ଚଳିତବର୍ଷ ଆଉ ୭୧୪ ଖଣ୍ଡ କାଠ ଆବଶ୍ୟକ ଥିବାବେଳେ ଏହା ନୟାଗଡ଼ ବନଖଣ୍ଡ ଓ ଆଖପାଖ ବନଖଣ୍ଡରୁ ଆଣିବାକୁ ଯୋଜନା କରାଯାଇଛି।

# ଶ୍ରୀମନ୍ଦିରରେ ଦଶହଜାର ଲିଟର୍ ଆର୍‌ଓ ପ୍ଲାଣ୍ଟ୍ ଲାଗିବ

**ପୁରୀ:** ବିଶୁଦ୍ଧ ପାନୀୟ ଜଳଯୋଗାଣ ପାଇଁ ଶ୍ରୀମନ୍ଦିରରେ ୧୦ ହଜାର ଲିଟର କ୍ଷମତାବିଶିଷ୍ଟ ଆ ?ଓ ପ୍ଲାଣ୍ଟ ସ୍ଥାପନ କରାଯିବ। ଯଦ୍ୱାରା ସେବକଙ୍କ ସହ ଭକ୍ତମାନେ ଉପକୃତ ହୋଇପାରିବେ। ଏହାର ପ୍ରକଳ୍ପ ମୂଲ୍ୟ ୮୫ ଲକ୍ଷ ଟଙ୍କା। ପ୍ରକଳ୍ପରେ ୨୦ଟି ଷ୍ଟାଣ୍ଡପୋଷ୍ଟ୍‌ରେ ପାନୀୟ ଜଳ ଯୋଗାଣ ପାଇଁ ବ୍ୟବସ୍ଥା ରହିଛି। କିନ୍ତୁ ଏହା ପର୍ଯ୍ୟାପ୍ତ ହୋଇ ନ ଥିବାରୁ ୪୯ଟି ସ୍ଥାନରେ ପାନୀୟ ଜଳଯୋଗାଣ ଷ୍ଟାଣ୍ଡପୋଷ୍ଟ୍ କରିବାକୁ ପ୍ରସ୍ତାବ ପାରିତ ହୋଇଛି। ରୋଷଘର, ଆନନ୍ଦବଜାର, ପ୍ରସାଦସେବନ ମଣ୍ଡପ, ମଙ୍ଗଳା ମନ୍ଦିର, ବିମଳା ମନ୍ଦିର, ମହାଲକ୍ଷ୍ମୀ ମନ୍ଦିର, ନିର୍ମାଲ୍ୟ ଖଳା, କୋଇଲି ବୈକୁଣ୍ଠ, ମ୍ୟୁଜିୟମ, ଉପବନ, ଏଏସଆଇ କାର୍ଯ୍ୟାଳୟ, ଦକ୍ଷିଣଦ୍ୱାର ବାହାର ଓ ଭିତର ଗୁମୁଟ, ବଟ ଗଣେଶ, ପ୍ରତିହାରୀ ନିଯୋଗ, ଶ୍ରୀମନ୍ଦିର ପରିସର ଶ୍ରୀମନ୍ଦିର ପ୍ରଶାସନ ଶାଖା କାର୍ଯ୍ୟାଳୟ ଆଦି ସ୍ଥାନରେ ୪୯ଟି ଷ୍ଟାଣ୍ଡପୋଷ୍ଟ୍ ଲଗାଇବାକୁ ପ୍ରସ୍ତାବ ଆସିଛି। ଶୀଘ୍ର ନିର୍ମାଣକାରୀ ସଂସ୍ଥାକୁ ଅବଗତ କରି ପ୍ରକଳ୍ପରେ ସାମାନ୍ୟ ପରିବର୍ତ୍ତନ କରି ପ୍ରସ୍ତାବ ଅନୁସାରେ ଷ୍ଟାଣ୍ଡପୋଷ୍ଟ୍ ବସାଇବାକୁ ନିଷ୍ପତ୍ତି ହୋଇଛି।

# ରୁପାରେ ଝଲସିବ ପତିତପାବନ ମନ୍ଦିର, ଶ୍ରୀବିଗ୍ରହଙ୍କ ସିଂହାସନ



ପୁରୀ: ଶ୍ରୀମନ୍ଦିରସ୍ଥିତ ପତିତପାବନଙ୍କ ମନ୍ଦିର ଓ ଗୁମୁଟ ପରିସର ଯମଶିଳା କାନ୍ଥପାର୍ଶ୍ୱ ରୁପାରେ ଝଲସିବ। ପତିତପାବନଙ୍କ ସମ୍ପୂର୍ଣ୍ଣ ମନ୍ଦିର ରୁପା ଛାଉଣିରେ ଆଚ୍ଛାଦିତ ହେବା ସହିତ ଶ୍ରୀବିଗ୍ରହଙ୍କ ସିଂହାସନ ମଧ ରୁପାରେ ନିର୍ମିତ ହେବ। ଏଥିପାଇଁ କଟକର ଏକ ଜୁଏଲାରି ସଂସ୍ଥା ପକ୍ଷରୁ ଆଜିଠୁ ମନ୍ଦିର ପରିସରରେ ରୁପା ଛାଉଣି କାର୍ଯ୍ୟ ଆରମ୍ଭ ହୋଇଛି। ଭକ୍ତମାନଙ୍କ ଦାନ ସୂତ୍ରରେ ମିଳିଥିବା ରୁପା ଏବଂ ରୁପା ଦ୍ୱାର କାମ ବେଳେ ବଳକା ରହିଥିବା ରୁପାରେ ଏହାକୁ ପ୍ରସ୍ତୁତ କରାଯାଉଛି। ଦାନସୂତ୍ରରେ ଶ୍ରୀମନ୍ଦିରକୁ ପ୍ରାୟ ୩ଶହ କେଜି ରୁପା ମିଳିଛି। ତିନି ମାସ ମଧ୍ୟରେ ଏହି କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଯଦିଓ ସମସ୍ତ କାର୍ଯ୍ୟ ପାଇଁ ୩ ମାସ ଲକ୍ଷ୍ୟ ରଖାଯାଇଛି, ତେବେ ପତିତପାବନଙ୍କ ମନ୍ଦିର ରୁପା ଛାଉଣି କାର୍ଯ୍ୟ ସମ୍ଭବତଃ ନୂଆ ବର୍ଷରେ ଭକ୍ତମାନେ ଦେଖିବାର ସୁଯୋଗ ପାଇପାରିବେ ବୋଲି ଆଶା କରାଯାଉଛି।

# ଆର୍ଥିକ ସେବା ଓ ସଞ୍ଚୟ ସଚେତନତା କାର୍ଯ୍ୟକ୍ରମ



**ପୁରୀ:** ପୁରୀ ଜିଲ୍ଲା ଆର୍ଥିକ ସେବା ଓ ସଂଚୟ ବିଭାଗ ଆନୁକୂଲ୍ୟରେ ଆର୍ଥିକ ସାକ୍ଷରତା ଓ ସଚେତନତା ଶିବିର ପିପିଲି ବ୍ଲକ ଅଧିନସ୍ଥ ସରସ୍ୱତୀପୁର ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା।ଏଥିରେ ପୁରୀ ଡାକ ବିଭାଗର ବରିଷ୍ଠ ଅଧିକାରୀ ରତନ ଜେନା ସଭାପତିତ୍ୱ କରିବା ସହିତ ଶିବିର ର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଜିଲ୍ଲାର ଆର୍ଥିକ ସେବା ଓ ସ୍ୱଳ୍ପ ସଂଚୟ ଅଧିକାରୀ ବିଭୂତି ଭୂଷଣ ନାୟକ ଅର୍ଥ ନେଣ ଦେଣ ସମୟରେ ହେଉଥିବା ଡିଜିଟାଲ ସାଇବର ଠକେଇ ସମ୍ପର୍କରେ ଏବଂ ସରକାରଙ୍କ ବିଭନ୍ନ ଆର୍ଥିକ ଯୋଜନା ଓ ତାହାର ସଫଳ ରୂପାୟନ ଉପରେ ଆଲୋକପାତ କରିଥିଲେ। ଡାକ ବିଭାଗ ର ଅଧିକାରୀ ଶ୍ରୀ ଜେନା ଲୋକମାନେ କିପରି କଷ୍ଟ ଉପାର୍ଜିତ ଅର୍ଥକୁ ଡାକଘରେ ଓ ବିଭିନ୍ନ ରାଷ୍ଟ୍ରାୟତ ବ୍ୟାଙ୍କରେ ସଠିକ ଭାବେ ସଂଚୟ କରି ଲାଭବାନ ହୋଇ ପାରିବେ ସେ ସମ୍ପର୍କରେ ବିଷଦ ସୂଚନା ଦେଇଥିଲେ।ସିନିୟର ମ୍ୟାନେଜର ପ୍ରୀତିଶ କୁମାର ସ୍ୱାଇଁ ବିଭିନ୍ନ ଡାକ ଘର ବୀମା ଯୋଜନା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଡାକଘରେ ସଂଚୟ ସହ ଦେୟ ମୁକ୍ତ କୂପନ ସଂଗ୍ରହ କରିବା ପାଇଁ ସଂଚୟ କର୍ତ୍ତା ଙ୍କୁ ଅନୁରୋଧ କରାଯାଇଥିଲା।ଯାହା ଫଳରେ ସରକାରଙ୍କ ପକ୍ଷରୁ ସେମାନେ ଲଟେରୀ ମାଧ୍ୟମରେ ଥିବା ଆର୍ଥିକ ସୁବିଧା ପାଇବାର ସୁଯୋଗ ଲାଭ କରି ପାରିବେ।କାର୍ଯ୍ୟକ୍ରମ ରେ ସ୍ଥାନୀୟ ଲୋକ ପ୍ରତିନିଧି, ଅଙ୍ଗନବାଡି କର୍ମୀ,ସ୍ୱୟଂ ସହାୟକ ଗୋଷ୍ଠୀ ର ସଦସ୍ୟ ଓ ସାଧାରଣ ଲୋକ ଯୋଗ ଦେଇଥିଲେ। ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହି ଭଳି ସଚେତନତା କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଇ ଲୋକ ମାନଙ୍କୁ ଡିଜିଟାଲ ମାଧ୍ୟମରେ ଆର୍ଥିକ କାରବାର ସମ୍ପର୍କରେ ସଚେତନ କରାଯିବା ସହ ଡାକ ବିଭାଗର ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଯାଉଛି ବୋଲି ସ୍ୱଳ୍ପ ସଂଚୟ ଅଧିକାରୀ ଶ୍ରୀ ନାୟକ ସୂଚନା ଦେଇଛନ୍ତି।

# ଡାଇରିଆ ନିରାକରଣ ସଚେତନତା ସଭା




**ପୁରୀ:** ଜିଲ୍ଲା ପ୍ରଶସନର ପଦକ୍ଷେପ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ର ଉଦ୍ୟମ ଫଳରେ ପୁରୀ ଜିଲ୍ଲା କଣାସ ଅଞ୍ଚଳ ର ନୂଆଗାଁ, ଗୋପିନାଥପୁର, ପାଇକମରା, କଳ।ପଦର, ନଇକୁଳପାଟଣା ଇତ୍ୟାଦି ଗ୍ରାମ ମାନଙ୍କରେ ଡାଇରିଆ ରୋଗ ଆକ୍ରାନ୍ତଙ୍କ ସଂଖ୍ୟାରେ ଦୃତ ହ୍ରାସ ଘଟିଛି। କିନ୍ତୁ ଜାଗୁଳେଇପଦର ଗ୍ରାମରେ ଲୋକ ମାନଙ୍କ ସଚେତନତା ଅଭାବରୁ ଓ କ୍ରମାଗତ ଭାବେ ନଦୀର ଜଳ ବ୍ୟବହାର କରୁଥିବା ଯୋଗୁଁ ଯେଉଁ ରୋଗୀ ମାନେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଚିକିତ୍ସିତ ହେଉଛନ୍ତି ସେମାନଙ୍କ ମଧ୍ୟରୁ ସମସ୍ତେ ଦୟା ନଦୀର ଜଳ ବ୍ୟବହାର କରୁଥିବା ଜଣାପଡିଛି। ଦିନ ପୁରୀ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଜିଲ୍ଲା ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡାକ୍ତର ନାରାୟଣ ପ୍ରସାଦ ନନ୍ଦ ଓ ଏପିଡେମିଓଲୋଜିଷ୍ଟ ଡାକ୍ତର ଶିଳ୍ପୀ ଦାଶ କଣାସ ବ୍ଲକ ଗସ୍ତ କରି ସେଠାରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଲୋକମାନଙ୍କୁ ସଚେତନ କରାଯାଇଥିଲା।

# ବର୍ତ୍ତମାନ ସମୟ ହିଁ ଉଚିତ ସମୟ

ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ କରକମଳରେ ଉଦ୍‌ଘାଟିତ 'ଉତ୍କର୍ଷ ଓଡ଼ିଶା' କନ୍‌କ୍ଲେଭ୍ ଅତ୍ୟନ୍ତ ସଫଳତାର ସହିତ ସମାପ୍ତ ହୋଇଯାଇଛି। ଓଡ଼ିଶାକୁ ସମୃଦ୍ଧ ରାଜ୍ୟ ଭାବେ ଗଢ଼ିତୋଳିବା ପାଇଁ କେନ୍ଦ୍ର ସରକାରଙ୍କ ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇବା ସହ ନିବେଶକଙ୍କୁ ସେ ଗ୍ୟାରେଣ୍ଟି ଦେଇଛନ୍ତି। ଶିଳ୍ପ ବିକାଶ କ୍ଷେତ୍ରରେ ଓଡ଼ିଶା ଏଭଳି ଏକ ଉଦାହରଣ ହେବ ଯାହା କେହି କଳ୍ପନା କରି ନ ଥିବେ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିବା ସହ ଓଡ଼ିଶା ନୂଆ ଆକାଂକ୍ଷା, ସୁଯୋଗ ଓ ଆଶାବାଦର ଭୂମି ବୋଲି କହିଛନ୍ତି। ଏଠାରେ ନିବେଶ କଲେ, ସମସ୍ତ ନିବେଶକ ଓ ଉଦ୍ୟୋଗପତି ସଫଳତାର ଶିଖର ପର୍ଯ୍ୟନ୍ତ ପହଞ୍ଚିବେ ବୋଲି ଆଶ୍ୱସ୍ତ କରାଇଛନ୍ତି। ମୋଦିଜୀ 'ଉତ୍କର୍ଷ ଓଡ଼ିଶା' ସମାବେଶକୁ ବୁଲି ଦେଖିଲା ପରେ ଏଭଳି ସୁବ୍ୟବସ୍ଥିତ ତଥା ଭବ୍ୟ ଆୟୋଜନ ପାଇଁ ପ୍ରଶଂସା କରିବା ସହ ରାଜ୍ୟରେ ପୂର୍ବରୁ ଅନୁଷ୍ଠିତ ତିନୋଟି ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ତୁଳନାରେ ଚଳିତଥର ୫-୬ଗୁଣ ଅଧିକ ନିବେଶକ ସାମିଲ ହୋଇଥିବାରୁ ଖୁସି ବ୍ୟକ୍ତ କରିଥିଲେ। ପୂର୍ବ- ଭାରତକୁ ଦେଶର ବିକାଶର ଅଭିବୃଦ୍ଧି ଇଞ୍ଜିନ ଭାବେ ଅଭିହିତ କରିଆସିଛନ୍ତି ମୋଦିଜୀ । ତାଙ୍କର ବିଶ୍ୱାସ ଯେ ଏଥିରେ ଓଡ଼ିଶାର ଏକ ବଡ଼ ଭୂମିକା ରହିଛି। ଏକଦା ଦକ୍ଷିଣ-ପୂର୍ବ ଏସିଆର ବାଣିଜ୍ୟ କାରବାରର ମୁଖ୍ୟ ସ୍ଥଳୀ ଥିଲା ଏବଂ ଓଡ଼ିଶା ହିଁ ଭାରତର ପ୍ରବେଶଦ୍ୱାର ଭାବେ ପରିଗଣିତ ହେଉଥିଲା। ସେଥିପାଇଁ ଆଜି ବି ଓଡ଼ିଶାରେ ପ୍ରତିବର୍ଷ ବାଲିଯାତ୍ରା ଏକ ଉତ୍ସବ । ସମସ୍ତ ନିବେଶକାରୀ ଓ ଶିଳ୍ପପତିଙ୍କ ଦୃଷ୍ଟି ଆକର୍ଷଣ କରି ସେ କହିଥିଲେ ଯେ, ଓଡ଼ିଶାର ଏହି ବିକାଶ ଯାତ୍ରାରେ ପୁଞ୍ଜିନିବେଶ ହିଁ ଆପଣମାନଙ୍କୁ ସଫଳତାର ନୂଆ ଶିଖରରେ ପହଞ୍ଚାଇବ ଏକବିଂଶ ଶତାବ୍ଦୀର ଓଡ଼ିଶା ନିଜର ଗୌରବମୟ ପରମ୍ପରାକୁ ପୁଣିଥରେ ପୁନରୁଦ୍ଧାର କରିବାରେ ଲାଗିଛି। ଏହାହିଁ ଓଡ଼ିଶାର ବିରାସତ୍ ବା ଐତିହ୍ୟ। ସିଙ୍ଗାପୁର ରାଷ୍ଟ୍ରପତି ମଧ୍ୟ ଓଡ଼ିଶା ସହ ସମ୍ପର୍କ ବୃଦ୍ଧି ପାଇଁ ଉତ୍ସାହ ପ୍ରଦାନ କରିଛନ୍ତି। ଆସିୟାନା ରାଷ୍ଟ୍ରଗୁଡ଼ିକ ମଧ୍ୟ ଓଡ଼ିଶା ସହ ବ୍ୟବସାୟ ପାଇଁ ଇଚ୍ଛୁକ। ଏବେ ଓଡ଼ିଶାରେ ସବୁ କ୍ଷେତ୍ରରେ ଏତେ ସମ୍ଭାବନାର ଦ୍ୱାର ଖୋଲିଯାଇଛି, ଯାହାକି ସ୍ୱାଧୀନତା ପରେ କେବେ ହୋଇ ନ ଥିଲା ବୋଲି ମୋଦିଜୀ କହିବା ତାତ୍ପର୍ଯ୍ୟପୂର୍ଣ୍ଣ । ଶିଳ୍ପପତିଙ୍କୁ ସ୍ୱାଗତ କଲାବେଳେ ମୋ ବକ୍ତବ୍ୟର ଗୋଟିଏ ବାକ୍ୟ ଥିଲା "ନିବେଶ ପାଇଁ ବର୍ତ୍ତମାନର ସମୟ ହିଁ ଉଚିତ ସମୟ" । ଏହି କଥାଟି ତାଙ୍କର ମନକୁ ଖୁବ୍ ପାଇଥିଲା। ସେ ନିଜ ବକ୍ତବ୍ୟରେ ଏହା ପ୍ରକାଶ କରି କହିଥିଲେ ଯେ, ବିପୁଳ ସମ୍ଭାବନାର କ୍ଷେତ୍ର ଓଡ଼ିଶା, ପୁଞ୍ଜିନିବେଶ ପାଇଁ ଏକ ଉପଯୁକ୍ତ ସ୍ଥାନ। ସମୃଦ୍ଧ ଓଡ଼ିଶା ଗଠନ ପାଇଁ ରାଜ୍ୟବାସୀ ନେଇଥିବା ସଂକଳ୍ପକୁ ସଫଳ କରିବା ପାଇଁ କେନ୍ଦ୍ର ସରକାରଙ୍କ ସହଯୋଗ ରହିବ ପ୍ରଧାନମନ୍ତ୍ରୀ ଭାବେ ଗତ ୧୦ ବର୍ଷ ମଧ୍ୟରେ ସେ ପ୍ରାୟ ୩୦ଥର ଓଡ଼ିଶା ଆସିସାରିଲେଣି, ଯାହାକି ପୂର୍ବତନ ପ୍ରଧାନମନ୍ତ୍ରୀମାନେ ହୁଏତ ଏତେଥର ଓଡ଼ିଶାକୁ ଆସି ନ ଥିବେ ବୋଲି ପ୍ରକାଶ କରି, ଓଡ଼ିଶାକୁ ସେ ଭଲ ପାଉଥିବା ଭଳି ଶିଳ୍ପପତିମାନେ ବି ଭଲ ପାଆନ୍ତୁ ବୋଲି କହିବା ମଧ୍ୟ ଅତ୍ୟନ୍ତ ପ୍ରେରଣାଦାୟୀ। ମୋ ସରକାର ଲୋକଙ୍କ ସରକାର। ବିକଶିତ ଓଡ଼ିଶା ଗଠନ ପାଇଁ ଲୋକମାନେ ଆମକୁ କ୍ଷମତାକୁ ଆଣିଛନ୍ତି। ୨୦୩୬ରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ଭାବେ ଗଠିତ ହେବାର ଶତବାର୍ଷିକୀ ଉତ୍ସବ ପାଳନ କରିବା ପୂର୍ବରୁ ଆମେ ବିକଶିତ ଓଡ଼ିଶା ପାଇଁ ପଣ କରିଛୁ। ଏଥିପାଇଁ ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ପୁଞ୍ଜି ଆବଶ୍ୟକ ହେବ। ସେଇଥିପାଇଁ ତ ଉତ୍କର୍ଷ ଓଡ଼ିଶାର ଆୟୋଜନ। ପୁଞ୍ଜିନିବେଶକମାନେ ଗୋଟିଏ ପାହୁଣ୍ଡ ଚାଲିଲେ, ମୋ ସରକାର ୩ପାଦ ଚାଲିବାକୁ ପ୍ରସ୍ତୁତ ହୋଇ ରହିଛ ସେମାନଙ୍କ ସୁବିଧା ପାଇଁ ଆମ ଡବଲ୍ ଇଞ୍ଜିନ୍ ସରକାର ସବୁପ୍ରକାରର ସୁବିଧା ଓ ସହଜ ବାତାବରଣ ସୃଷ୍ଟି କରିଚାଲିଛି। ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ସମର୍ଥନକୁ ପାଥେୟ କରି ଆମେ ୨୦୩୬ ସୁଦ୍ଧା ଓଡ଼ିଶାକୁ ନିଶ୍ଚୟ ସମୃଦ୍ଧ କରିବୁ। ଓଡ଼ିଶାର ଶିଳ୍ପକ୍ଷେତ୍ରରେ ବିକାଶ ହେଲେ, କେବଳ ଆମ ରାଜ୍ୟ ପାଇଁ ନୁହେଁ ସମଗ୍ର ଭାରତ ପାଇଁ ପ୍ରଗତି ଓ ବିକାଶର ଏକ ଇଞ୍ଜିନ୍ ଭାବେ କାର୍ଯ୍ୟ କରିବ । ଓଡ଼ିଶାରେ ନିବେଶ କରିବା ପାଇଁ ଏହା ହିଁ ଉଚିତ ସମୟ। ଆମେ ଦୁଇଦିନ ଧରି ଶତାଧିକ କମ୍ପାନିର ମୁଖ୍ୟମାନଙ୍କ ସହ ସ୍ୱତନ୍ତ୍ର ଭାବେ ବୈଠକ କରିଥିଲୁ । ନିବେଶକଙ୍କ ପାଇଁ ଆମେ କିଭଳି ଅନୁକୂଳ ପରିବେଶ ବା ଇକୋସିଷ୍ଟମ ପ୍ରସ୍ତୁତ କରିଛୁ ତାହା ଅବଗତ କରି, ସେମାନଙ୍କ ଆବଶ୍ୟକତା ମଧ୍ୟ ବୁଝିଥିଲୁ। ଭୁଲ୍ ବୁଝାମଣା ଓ ଆନ୍ତରିକତା ଅଭାବ ହିଁ ଶିଳ୍ପାୟନ ରାସ୍ତାରେ ବଡ ବାଧକ ବୋଲି ସମସ୍ତେ ଜାଣନ୍ତି; ଯେଉଁ କାରଣରୁ ଶିଳ୍ପପତି ଓ ନିବେଶକାରୀମାନେ ପରବର୍ତ୍ତୀ କାଳରେ ପ୍ରକଳ୍ପରୁ ଓହରି ଯାଇଥାଆନ୍ତି। ବିଭିନ୍ନ ରାଜ୍ୟସରକାର ନିଜନିଜ ରାଜ୍ୟରେ ଶିଳ୍ପାୟନ ପାଇଁ ପ୍ରତିଯୋଗିତା କରୁଥିଲା ବେଳେ, ଆମ ରାଜ୍ୟବାସୀଙ୍କ ଶିଳ୍ପମନସ୍କତା, ରାଜ୍ୟର ଶିଳ୍ପନୀତି, ସରକାରୀ କଳ ପକ୍ଷରୁ ଆନ୍ତରିକ ସହଯୋଗ, ଅନୁକୂଳ ଇକୋସିଷ୍ଟମ, ସରଳ ଓ ସୁବିଧାରେ ବ୍ୟବସାୟ ଆରମ୍ଭ କରିବାପାଇଁ ବ୍ୟବସ୍ଥା ତଥା ସ୍ଥାନୀୟ ଲୋକଙ୍କ ଭାଗିଦାରୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏସବୁ ବ୍ୟବସ୍ଥା ନକରି କେବଳ ଏମ୍‌ଓୟୁ କଲେ ବିକାଶ ହୋଇପାରେନା, ଏହା ରାଜ୍ୟବାସୀ ଅତୀତ ଅଭିଜ୍ଞତାରୁ ଜାଣନ୍ତି। ଉତ୍କର୍ଷ ଓଡ଼ିଶା ଆୟୋଜନ କରି ଆମେ ୫ଲକ୍ଷ କୋଟି ଟଙ୍କାର ନିବେଶ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ କରିଥିଲୁ। କିନ୍ତୁ ସମାବେଶ କାଳରେ ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟର ପ୍ରତ୍ୟେକ ଶବ୍ଦ ଓ ବାକ୍ୟରେ ଥିବା କର୍ତ୍ତବ୍ୟନିଷ୍ଠା ଓ ପ୍ରତିବଦ୍ଧତା, ତାଙ୍କର ଓଡ଼ିଶା ପ୍ରତି ଶ୍ରଦ୍ଧା ଓ ଆନ୍ତରିକତା ଏବଂ ଡବଲ୍ ଇଞ୍ଜିନ୍ ସରକାର ପ୍ରତି ଆସ୍ଥା ଓ ବିଶ୍ୱାସ ସହିତ ଏଭଳି ପରିବେଶ ସୃଷ୍ଟିକଲା; ଯାହା ଫଳରେ ନିବେଶ ପରିମାଣ ବଢିଗଲା। ଏସବୁ ନିବେଶ ପ୍ରତିଶ୍ରୁତି କେବଳ ଖଣିଜ ଆଧାରିତ ଶିଳ୍ପ ନୁହେଁ, ବରଂ ଜଳଜାହାଜ ତିଆରି ଓ ମରାମତି, ପେଟ୍ରୋ କେମିକାଲ, ଅକ୍ଷୟ ଶକ୍ତି, ସବୁଜ ଉଦ୍ ?ଜାନ ଇନ୍ଧନ, ସେମିକଣ୍ଡକ୍ଟର, ଖାଦ୍ୟ ପ୍ରକ୍ରିୟାକରଣ, କୃଷି ଆଧାରିତ ଶିଳ୍ପ, ଶିଳ୍ପ ପାର୍କ ପ୍ରତିଷ୍ଠା ଭଳି ଅନେକ ଆନୁଷଙ୍ଗିକ ଶିଳ୍ପକ୍ଷେତ୍ର ପାଇଁ ବରଦାନ ଓଡ଼ିଶାରେ ପ୍ରକୃତିଦତ୍ତ ଧାତବ ଖଣିଜ ଓ କୋଇଲା ଗଚ୍ଛିତ ରହିଥିବାରୁ ଇସ୍ପାତ୍, ସିମେଣ୍ଟ, ଆଲୁମିନା, ସ୍ମେଲଟର, ଶକ୍ତି କ୍ଷେତ୍ରରେ ନିବେଶ ଆସିବା ଏକ ସ୍ୱାଭାବିକ କଥା। କିନ୍ତୁ ଏକବିଂଶ ଶତାବ୍ଦୀର ଆବଶ୍ୟକତା ପୂରଣ ପାଇଁ ଅଣପାରମ୍ପରିକ ନବସୃଜନ କ୍ଷେତ୍ରରେ ଶିଳ୍ପ ପ୍ରତିଷ୍ଠା କରିବାକୁ ଶିଳ୍ପ ସଂସ୍ଥା ଆଗେଇ ଆସିବା ନିଶ୍ଚୟ ଉତ୍ସାହପ୍ରଦ। ଓଡ଼ିଶାରେ ଉଚ୍ଚ ଗୁଣମାନର, ରପ୍ତାନୀ ଯୋଗ୍ୟ ତଥା ମୂଲ୍ୟଯୁକ୍ତ ଶିଳ୍ପ ସାମଗ୍ରୀ ପ୍ରସ୍ତୁତ କରୁଥିବା କଳକାରଖାନା ସ୍ଥାପିତ ହେଲେ, ବିକଶିତ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣ ହେବା ନିଶ୍ଚିତ । କିନ୍ତୁ ସବୁଠୁ ବଡକଥା ହେବ ଯେ, ଆମ ରାଜ୍ୟର ଯୁବାବର୍ଗଙ୍କୁ ନିଯୁକ୍ତି ମିଳିବା ସହିତ, ସେମାନେ ନିଯୁକ୍ତିଦାତା ଭାବେ ରୂପାନ୍ତରିତ ହେବା ସମ୍ଭବ ହେବ ଆମ ରାଜ୍ୟର ରାଜକୋଷ ସମୃଦ୍ଧ ହେବା ସହିତ ରାଜ୍ୟବାସୀଙ୍କ ପକେଟକୁ ଅଧିକ ରୋଜଗାର ଆସିବ । ଆମ ରାଜ୍ୟର ଲୋକ ଦାଦନ ଖଟିବାକୁ ଅନ୍ୟରାଜ୍ୟକୁ ନଯାଇ ଓଡ଼ିଶାରେ କାମ କରିବେ। ଓଡ଼ିଶା ଶ୍ରୀ ଜଗନ୍ନାଥଙ୍କ ଅପାର କରୁଣାରୁ ଆଉ ଗରିବ ହୋଇ ରହିବ ନାହିଁ, ଏହା ମୋର ସଂକଳ୍ପ। ଆମେ ଏହି ଲକ୍ଷ୍ୟ ପୂରଣ ପାଇଁ ଉଦ୍ୟମ କରି ଚାଲିଛୁ ଏବଂ କରିବୁ ମଧ୍ୟ । ପୂର୍ବରୁ ଥିବା ରାଜ୍ୟ ସରକାରଙ୍କ ସମସ୍ତ ପ୍ରକାର ଉଦ୍ୟମ ଓ କେନ୍ଦ୍ର ସହଯୋଗ ସତ୍ତ୍ୱେ ଯେତେ ସଂଖ୍ୟକ ବୃହତ୍ ଶିଳ୍ପ ପ୍ରତିଷ୍ଠାକୁ ଅନୁମୋଦନ ମିଳୁଥିଲା ସେଥିରୁ ୨୦ ପ୍ରତିଶତ ବି ପ୍ରତିଷ୍ଠା ହୋଇପାରୁ ନଥିଲା। କେଉଁଠି ସ୍ଥାନୀୟ ଲୋକଙ୍କ ବିରୋଧ ହେଉଥିଲା ତ, ବିଭିନ୍ନ ପ୍ରକାର ଅନୁମତି ଏ କ୍ଷେତ୍ରରେ ପ୍ରମୁଖ ପ୍ରତିବନ୍ଧକ ସାଜୁଥିଲା। ରାଜ୍ୟରେ କିଭଳି ଅଧିକରୁ ଅଧିକ ଶିଳ୍ପ ପ୍ରତିଷ୍ଠା କରାଯାଇ ଲୋକଙ୍କ ହାତକୁ କାମ ଯୋଗାଇ ଦିଆଯିବ ସେଥିପାଇଁ ଏକକ ବାତାୟନ ବ୍ୟବସ୍ଥାରେ ପୁଞ୍ଜିନିବେଶକୁ ମଞ୍ଜୁରି ପ୍ରଦାନ କରୁଛୁ ଏବଂ ଆଗକୁ ଏହାର ଗତି ବଢିବାର ସୂଚନା ଦେଇଛି ଉତ୍କର୍ଷ ଓଡ଼ିଶାରେ ଯୋଗଦେଇଥିବା ନିବେଶକଙ୍କ ଆଗ୍ରହ। ଆମେ କିନ୍ତୁ ସେଗୁଡ଼ିକ ମଧ୍ୟରୁ ଖାଦ୍ୟ ପ୍ରକ୍ରିୟାକରଣ, କୃଷି ଭିତ୍ତିକ ଶିଳ୍ପ, ଅକ୍ଷୟ ଶକ୍ତି, କାଗଜ ଉତ୍ପାଦନ, ବୟନ ଶିଳ୍ପ, ପୋଷାକ ପ୍ରସ୍ତୁତି, ପେଟ୍ରୋ କେମିକାଲ୍ସ, କାଠ ଶିଳ୍ପ, ବିମାନ ଶିଳ୍ପ, ଔଷଧ, ପର୍ଯ୍ୟଟନ, ସିମେଣ୍ଟ ଓ ପ୍ଲାଷ୍ଟିକ ଶିଳ୍ପ ଉପରେ ଅଧିକ ଗୁରୁତ୍ୱ ଦେବାକୁ ଯାଉଛୁ। ସବୁଠାରୁ ନୈରାଶ୍ୟଜନକ ସ୍ଥିତିରେ ରହିଥିବା ପର୍ଯ୍ୟଟନ କ୍ଷେତ୍ରରେ ସର୍ବାଧିକ ଲୋକଙ୍କୁ କର୍ମସଂସ୍ଥାନ ଯୋଗାଇ ଦିଆଯାଇ ପାରିବ। ସ୍ୱୟଂ ପ୍ରଧାନମନ୍ତ୍ରୀ ମଧ୍ୟ ଓଡ଼ିଶାର ବେଳାଭୂମି, ଜଙ୍ଗଲ, ପାହାଡ଼ ପର୍ବତ, କଳା ଓ ସଂସ୍କୃତିକୁ ଆଧାର କରି ପର୍ଯ୍ୟଟନ ବିକାଶ ପାଇଁ ଆହ୍ୱାନ ଦେଇଛନ୍ତି । ଆମେ, ଏହି ଦିଗରେ ମଧ୍ୟ ଅଧିକ ଆଗ୍ରହ ପ୍ରଦର୍ଶନ କରିବୁ । ଗୁଜୁରାଟରେ ଥିବା ବୟନ ଶିଳ୍ପ କ୍ଷେତ୍ରରେ ତଥା ରତ୍ନପଥର ଶିଳ୍ପରେ ପ୍ରାୟ ସାତ ଲକ୍ଷ ପ୍ରବାସୀ କୌଶଳୀ ଓଡ଼ିଆ ଶ୍ରମିକ କାମ କରୁଛନ୍ତି। ରତ୍ନଗର୍ଭା ଓଡ଼ିଶାର ମାଟି ତଳେ ରହିଛି ବିଭିନ୍ନ ପ୍ରକାର ମୂଲ୍ୟବାନ୍ ରତ୍ନପଥର । ଓଡ଼ିଶାରେ ସୂତା କଳ ଓ ଲୁଗାକଳ ପ୍ରତିଷ୍ଠା ହେଲେ, କପାଚାଷୀ ଲାଭବାନ୍ ହେବେ ଓ ଓଡ଼ିଆ ପୁଅ ଓଡ଼ିଶାରେ ରହି କାମ କରିବ। ସେହିପରି ଆଖୁ ଓ ଝୋଟ ଚାଷ ସହିତ ଚିନିକଳ ଓ ଝୋଟକଳ ପ୍ରତିଷ୍ଠାକୁ ଆମେ ଗମ୍ଭୀରତାର ସହିତ ଗ୍ରହଣ କରିଛୁ। ଆମ ରାଜ୍ୟ ଓ ଦେଶର ଶିଳ୍ପପତିଙ୍କ ସହଯୋଗରେ ଆଗାମୀ ଦିନରେ ଏଭଳି ଅନେକ କୃଷି ଆଧାରିତ ଶିଳ୍ପ ଉଦ୍ୟୋଗ ସ୍ଥାପନ କରିବାକୁ ଆମେ ସଂକଳ୍ପ ନେଇଛୁ। ରାଜ୍ୟବାସୀଙ୍କ ନିରନ୍ତର ସହଯୋଗ ପାଇଲେ, ଏକ ସମତୁଲ ଶିଳ୍ପ ବିକାଶର ନୀଳନକ୍ସା କାର୍ଯ୍ୟକାରୀ ହୋଇପାରିବ। ଏହି ଅବସରରେ, ମୁଁ ନିମନ୍ତ୍ରିତ ଅତିଥି, ଗଣମାଧ୍ୟମ, ଯୁବ ଉଦ୍ୟୋଗୀ ଓ ଶିଳ୍ପ ସଙ୍ଗଠନ ପ୍ରତିନିଧିମାନଙ୍କୁ ସହଯୋଗ ପାଇଁ ଧନ୍ୟବାଦ ଦେଉଛି।

*ବନ୍ଦେ ଉତ୍କଳ ଜନନୀ।*



**ମୋହନ ଚରଣ ମାଝୀ**
**ମୁଖ୍ୟମନ୍ତ୍ରୀ, ଓଡ଼ିଶା**

# ହୀରାରାଇଜର ହୀରାପୁଅ

ଆଫ୍ରିକାର ହୀରା ବିଶ୍ୱବଜାରକୁ ଦଖଲ କରିବାର ଯଥେଷ୍ଟ ପୂର୍ବରୁ ଓଡ଼ିଶାର ହୀରା ଦେଶ ବିଦେଶରେ ପ୍ରସିଦ୍ଧି ଲାଭ କରିଥିଲା । ଅନେକଙ୍କ ମତରେ, ଆମ ରାଜ୍ୟର ହୀରାକୁଦରୁ ଉତ୍ପାଦିତ ହୀରା ହେଉଛି ପୃଥିବୀର ସର୍ବପ୍ରାଚୀନ ହୀରା ମଧ୍ୟରୁ ଅନ୍ୟତମ ଅତୀତରେ ୟୁରୋପୀୟ ଦେଶଗୁଡ଼ିକରେ ହୀରାକୁଦ-ହୀରାର ବିଶେଷ ଚାହିଁଦା ଥିଲା ବୋଲି ବିଶ୍ୱର ଅନେକ ପ୍ରାଚୀନ ଗ୍ରନ୍ଥରେ ଉଲ୍ଲେଖ ରହିଛି। ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀର ରୋମାନ ବିଦ୍ୱାନ ଟଲେମୀଙ୍କ 'ଜିଓଗ୍ରାଫିଆ' ପୁସ୍ତକରେ ହୀରାର ପେଣ୍ଟ 'ସମ୍ବଳକ ବିଷୟରେ ଉଲ୍ଲେଖ ରହିଛି। ରୋମ ସାମ୍ରାଜ୍ୟର ସମ୍ରାଟ ଓ ସାମ୍ରାଜ୍ଞୀମାନଙ୍କର ସମ୍ବଳକର ହୀରା ପ୍ରତି ଅହେତୁକ ଆକର୍ଷଣ ଥିଲା। କଳିଙ୍ଗର ବିଭିନ୍ନ ବନ୍ଦର ଦେଇ ଏହି ହୀରା ବିଦେଶକୁ ଯାଉଥିବା କଥା ଚୀନ ପରିବ୍ରାଜକ ହୁଏନସାଂଙ୍କ ବିବରଣୀ କହେ। ହୀରାକୁଦରୁ ପ୍ରାପ୍ତ ହୀରା ଆଜି ମଧ୍ୟ ଫ୍ରାନ୍ସ, ସମେତ ପୃଥିବୀର ବିଭିନ୍ନ ଦେଶରେ ରହିଛି ବୋଲି ଶୁଣିବାକୁ ମିଳେ। ୧୬୬୬ ମସିହାରେ ସମ୍ବଲପୁରର ରାଜା ଅଭୟ ସିଂହ ବଙ୍ଗ ଗଭର୍ଣ୍ଣର ରବର୍ଟ କ୍ଲାଇଭଙ୍କୁ ଷୋହଳ କ୍ୟାରେଟ 'ଓଡ଼ିଶା ହୀରା' ଉପହାର ଦେଇଥିବା କଥା ସରକାରୀ ରେକର୍ଡରୁ

ଇରାନ ତେବେ ପ୍ରାଚୀନ କାଳରେ ହୀରା ବ୍ୟବସାୟର କେନ୍ଦ୍ରସ୍ଥଳୀ ଥିବା ହୀରାକୁଦ ଅଞ୍ଚଳ ଆଧୁନିକ କାଳରେ ଅନେକ ଆନ୍ଦୋଳନ, ସଂଗ୍ରାମ ଓ ବିଦ୍ରୋହକୁ ପ୍ରତ୍ୟକ୍ଷ ଭାବେ ସାମ୍ନା କରିଛି। ଏଠାରେ ବ୍ରିଟିଶମାନଙ୍କର ରାଜା ଦଖଲ, ଭୂମି ହରାୟ, ରାଜଗାଦି ଉପରେ ନିୟନ୍ତ୍ରଣ ଆଜି ଦୌରାତ୍ମ୍ୟ ମାତ୍ରାଧିକ ବୃଦ୍ଧି ପାଇଥିଲା, ଯାହା ଥିଲା ସ୍ଥାନୀୟ ବାସିନ୍ଦାଙ୍କ ଭାତହାଣ୍ଡି ପ୍ରଚାର କରିବା ଭଳି। ଏହି ଯନ୍ତ୍ରଣାରୁ ଆରମ୍ଭ ହୋଇଯାଇଥିଲା ସଂଘର୍ଷ, ସଂଘର୍ଷରୁ ରକ୍ତପାତ ଓ ଶେଷରେ ଜଳଗୁଜାନ। ଉଲଗୁଲାନର ମହାନାୟକ ଥିଲେ ବିପ୍ଳବୀ ବୀର ସୁରେନ୍ଦ୍ର ସାଏ। ସାଙ୍ଗରେ ଥିଲେ ଛବିଳ, ଉଦନ୍ତ, କୁଳ ଆଦି ବୀର ଭ୍ରାତାଗଣ ହୀରାକୁଦ ଅଞ୍ଚଳ ସନ୍ନିକଟ ଅଗନା ଅଗନି ବନସ୍ତ ଦେବ୍ରୀଗଡ଼ ହିଁ ଥିଲା ଯାଏ ଭ୍ରାତାଗଣଙ୍କ ସଶସ୍ତ୍ର ସଂଗ୍ରାମର ପବିତ୍ର ପୀଠ। ଦେବ୍ରୀଗଡ଼ ଜଙ୍ଗଲର ବାରବରା ଠାରେ ହିଁ ବୀର ସୁରେନ୍ଦ୍ରଙ୍କ ସାମରିକ ଘାଟି ଥିଲା । ଜନ୍ମମାଟି ଶିକ୍ଷା ଏବଂ ରଣଭୂମି କୁଦୋପାଲି ଠାରୁ ଅନତି ଦୂରରେ ସ୍ଥିତ ଏହି ବିଶାଳ ଜଙ୍ଗଲକୁ ସେ ନିଜ ବାମପନ୍ଥୀ ଭାବେ ବାଛିନେଇଥିଲେ। ଜଙ୍ଗଲର ଗଛଲତା, ପଶୁପକ୍ଷୀ, ସରୀସୃପ ଆଦିଙ୍କୁ ନିଜ କୁଟୁମ୍ବ ବିଚାରି ଆକରି ନେଇଥିଲେ।ବୀର ସାଏ ଭ୍ରାତାଗଣଙ୍କର ମହାସଂଗ୍ରାମ ପର୍ଯ୍ୟାୟକ୍ରମେ ୧୮୨୭ରୁ ଆରମ୍ଭ ହୋଇ ୧୮୬୪ ମସିହା ପର୍ଯ୍ୟନ୍ତ ବଳବତ୍ତର ରହିଥିଲା । ଏହି ମୁକ୍ତି ସଂଗ୍ରାମରେ ସୁରେନ୍ଦ୍ର ସାଏଙ୍କ ଭାଇ ଛବିଳ ସାଏଙ୍କ ସମେତ ତାଙ୍କ ପୁଅ ତଥା ସମସ୍ତ ପରିବାର ସଦସ୍ୟ ଝାମ ଦେଇଥିଲେ। କୁଦୋପାଇଁ ଘାଟିର ଉଲ୍ଲାର ସଂଗ୍ରାମରେ ଛବିଳ ମାଏଙ୍କ ସମେତ ମୋଟ ୫୭ ଜଣ ଯୋଦ୍ଧା ବାଗତ କରିଥିଲେ । ଆଜୀବନ କାରାଦଣ୍ଡର ଯନ୍ତ୍ରଣା ଭିତରେ ସୁରେନ୍ଦ୍ର ସାଏ ଓ ଭାଇ ଉଦନ୍ତ ସାଏଙ୍କର ଦେହାନ୍ତ ହୋଇଥିଲା। ବୀର ସୁରେନ୍ଦ୍ର ସାଏଙ୍କ ରଣହୁଙ୍କାର, ପରାକ୍ରମ ଓ ଶାଣିତ ଯୁଦ୍ଧକୌଶଳର ମୂକସାକ୍ଷୀ ମଧ୍ୟ ଥିଲା ଦେବଗଡ଼ ସଂଲଗ୍ନ ହୀରାକୁଦ ଦ୍ୱୀପାଳ ।

ପାଖାପାଖି ଏକ ଶତାବ୍ଦୀ ପରେ ହୀରାକୁଦର ଭୂଗୋଳ ମଧ୍ୟ ବଦଳିଗଲା। ବିଶାଳ ନଦୀବନ୍ଧ ଯୋଜନାର ଉପକ୍ରମରେ, ଆଉ ଅକାତଜାତ ପାଇଁ ତଳେ ଚିରକାଳ ପାଇଁ ଲୁଚିଗଲା ବୁଡ଼ି ଅଞ୍ଚଳ ହୀରାକୁଦ ନାରାର ଦୀପ୍ତି। ୧୯୩୫ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଗଠନ ପରେ ପରେ ପ୍ରଥମ ମନ୍ତ୍ରୀମଣ୍ଡଳ ଗଠିତ ହୋଇଥିଲା । ଏହି ମନ୍ତ୍ରୀମଣ୍ଡଳ ଭାରତର ଜଣାଶୁଣା ଇଞ୍ଜିନିୟର ସାର୍ ଏମ୍. ବିଶ୍ୱେଶ୍ୱରୟାଙ୍କ ଠାରୁ ରାଜ୍ୟର ଉତ୍କଟ ବନ୍ୟା ସମସ୍ୟାର ସମାଧାନ ନିମନ୍ତେ ପରାମର୍ଶ ଲୋଡ଼ିଥିଲା। ପରବର୍ତ୍ତୀ କାଳରେ ଅର୍ଥାତ୍ ୧୯୪୫ ମସିହାରେ ବାବାମାନେବ ଚନ୍ଦ୍ରରେ ଭୀମରାଓ ଆମ୍ବେଦକରଙ୍କ ଅଧ୍ୟକ୍ଷତାରେ କମିଟି ବସିଲା ମହାନଦୀ ଉପରମୁଣ୍ଡରେ ବୃହତ୍ ଜଳସେଚନ ପ୍ରକଳ୍ପ ନିର୍ମାଣ ଲାଗି ଏମ୍. ବିଶ୍ୱେଶ୍ୱରୟା ଓ ବାବାସାହେବ ଆମ୍ବେଦକର ଉଭୟଙ୍କ ପରାମର୍ଶକୁ ଭିତି କରି ଏହି ପ୍ରକଳ୍ପ ପାଇଁ ସବୁଠୁ ଉପଯୁକ୍ତ ସ୍ଥାନ ବିବେଚିତ ହେଲା ହୀରାକୁଦ ଦ୍ୱୀପାଞ୍ଚଳ ଓ ପରେ ଏହିଠାରେ ହିଁ ନଦୀବରେ କିଛି ପ୍ରସ୍ତର ସ୍ଥାପନ କରାଗଲା । ୧୯୫୩ ମସିହାରେ ନଦୀବନ୍ଧ ନିର୍ମାଣ ସମ୍ପୂର୍ଣ୍ଣ ହେଲା । ଉଦ୍ ?ଘାଟନ ହେଲା ୧୯୫୭ ମସିହା ଜାନୁଆରି ମାସ ୧୩ ତାରିଖରେ। ଏହା ଥିଲା ସ୍ୱାଧୀନ ଭାରତର ମେଗା-ଡ୍ୟାମ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଅନ୍ୟତମ । ଏସିଆର ସର୍ବବୃହତ୍ ମାଟିବନ୍ଧ ଭାବେ ହୀରାକୁଦର ଖ୍ୟାତି ରହିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଡ୍ୟାମର ଜଳଭାଗ ୭୪୩ ବର୍ଗ କିଲୋମିଟର ପରିମିତ ବିଶାଳ ଅଞ୍ଚଳରେ ବ୍ୟାପି ରହିଛି। ନଦୀବନ୍ଧର ୨୫,୮ କିଲୋମିଟର ଦୈର୍ଘ୍ୟ ମଧ୍ୟରୁ ମୁଖ୍ୟ ଡ୍ୟାମର ଦୈର୍ଘ୍ୟ ହେଉଛି ୪.୮ କିଲୋମିଟର। ବିଶ୍ୱାସ ରହିଛି ଯେ ହୀରକୁଦ ବନ୍ଧର ପାଣିତଳେ ଅର୍ଥାତ୍ ନିବେଶରେ ଅବକ୍ଷେପିତ ମୃଷିକାରେ ହୀରାର ଉପସ୍ଥିତି ଥାଇପାରେ। ତେବେ ପାଣି ତଳୁ ହୀରା ମିଳୁ କି ନ ମିଳୁ, ପାଣି ଉପରେ କିନ୍ତୁ ଓଡ଼ିଶାକୁ ହୀରା ଯୋଗାଇଚାଲିଛି ହୀରାକୁଦ ଭିନ୍ନ ଏକ ରୂପରେ। ସେ ହୀରା ଜଳବିଦ୍ୟୁତ୍ ?ର ହୀରା, ସେ ହୀରା ଜଳସେଚନର ହୀରା ଶତାବ୍ଦୀ ଶତାବ୍ଦୀ ଧରି କରାଳ ବନ୍ୟାରେ ବାରମ୍ବାର ଧ୍ୱସ୍ତବିଧ୍ୱସ୍ତ ହୋଇପଡୁଥିବା ଓଡ଼ିଶାର କୃଷିକ୍ଷେତ୍ର ପାଇଁ ଅମର ବରଦାନ ପାଲଟିଛି ହୀରାକୁଦ ହୀରାକୁଦ ଯୋଗୁଁ ମହାନଦୀ ଅବବାହିକାରେ ବନ୍ୟା ବିଭୀଷିକା ଯଥେଷ୍ଟ ହ୍ରାସ ପାଇଛି । ପ୍ରକୃତରେ, ମହାନଦୀ ଓଡ଼ିଶାର ଜୀବନରେଖା ହେଲେ, ହୀରାକୁଦ ନେଉଛି ଏହାର ହୃତ୍‌ପିଣ୍ଡ ଏବଂ ଶାସନ ଓ ବରଗଡ଼ କେନାଲ ହେଉଛନ୍ତି ଏହାର ଦୁଇ ମୁଖ୍ୟ ଧମନୀ। ସୁତରାଂ ମହାନଦୀର ତଳ ମୁଣ୍ଡରେ ବନ୍ୟା ନିୟନ୍ତ୍ରଣ ସାଙ୍ଗକୁ ଉପର ମୁଣ୍ଡରେ ବ୍ୟାପକ ଜଳସେଚନ ଫଳରେ ଓଡ଼ିଶାର ଏକ ବୃହତ୍ ଅଞ୍ଚଳରେ ଆର୍ଥିକ ବିକାଶର ସ୍ୱପ୍ନ ସାକାର ହୋଇଛି। ଅବିଭକ୍ତ ସମ୍ବଲପୁର, ବିଶେଷକରି ବରଗଡ଼ ଅଞ୍ଚଳ ଓଡ଼ିଶାର ଭାତହାଣ୍ଡି ପାଲଟିଛି। ଜଳସେଚନ ଯୋଗୁଁ ସ୍ଥାନୀୟ ଅଞ୍ଚଳର କୃଷିକାର୍ଯ୍ୟ ପୂର୍ବାପେକ୍ଷା ବ୍ୟାପକ ଓ ଉନ୍ନତ ହୋଇପାରିଛି। ଫଳରେ ଉଭୟ ସ୍ଥାନୀୟ ଓ ରାଜ୍ୟ ଅର୍ଥନୀତି ସୁଦୃଢ଼ ହେବାରେ ଲାଗିଛି। ଓଡ଼ିଶାର ଆର୍ଥିକ ବିକାଶରେ ହୀରାକୁଦର ଅବଦାନ ଅତୁଳନୀୟ। ଏହି ବିକାଶର ଧାରାରେ ଏବେ ଧୀରେ ଧୀରେ ଯୋଡ଼ି ହେଉଛି ନୂତନ କୃଷି ପ୍ରଣାଳୀ, ଅତ୍ୟାଧୁନିକ କୃଷି ଯନ୍ତ୍ରପାତିର ବ୍ୟବହାର ଇତ୍ୟାଦି। ଏସବୁ ବଳରେ ଜଳବାୟୁ ଭିତିକ ବ୍ୟାପକ ଓ ସଘନ କୃଷିକାର୍ଯ୍ୟକୁ ପ୍ରୋତ୍ସାହନ ଦେଇ ଅବିଭକ୍ତ ସମ୍ବଲପୁର ଅଞ୍ଚଳ ଓଡ଼ିଶାର କୃଷ୍ଟ-ସମୃଦ୍ଧିର ବର୍ଷର ହୋଇ ବିକଶିତ ଓଡ଼ିଶାର ମୂଳଦୁଆ ପକାଇବା ଆରମ୍ଭ କରିଛି। କୃଷି ଓ କୃଷକ ସଶକ୍ତ ଦେବା ପରେ ସମୟ ଆସିଛି, କୃଷି ଭିତିକ ଅର୍ଥନୀତିରୁ ଜ୍ଞାନ ଲିଷ୍ଟିକ ଅର୍ଥନୀତି ଆଡ଼କୁ ଅଗ୍ରସର ହେବା ପାଇଁ ସୁଦୂର ଅତୀତରେ ଏହି ଅଞ୍ଚଳ ଏକ ଅନ୍ତର୍ଜାତିକ ଜ୍ଞାନ କେନ୍ଦ୍ର ଭାବେ ଗଢ଼ି ଉଠିଥିଲା। ଏଣୁ ମୋର ଦୃଢ଼ ବିଶ୍ୱାସ, ହୀରା ରାଇଜର ସେହି ଜଳିଲା ଗୌରବକୁ ଆମେ ପୁଣି ଥରେ ଫେରାଇ ଆଣିପରିବା । ଏହାକୁ ପୁନର୍ବାର ଶିକ୍ଷା ଓ ଜ୍ଞାନର ଏକୁଡ଼ିଶାଳରେ ପରିଣତ କରିପାରିବା । ହୀରାକୁଦ ଓ ଆଖପାଖ ଅଞ୍ଚଳରେ ସ୍ଥାପିତ ଶିକ୍ଷାନୁଷ୍ଠାନମାନ ଏ ଦିଗରେ କାର୍ଯ୍ୟ କରିଆସୁଛନ୍ତି। ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ, ବୀର ସୁରେନ୍ଦ୍ର ସାଏ ଭେଷଜ ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ ପରି ରାଜ୍ୟ ସ୍ତରର ଅନୁଷ୍ଠାନ ମାଙ୍କୁ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ (ଆଇ.ଆଇ.ଏମ୍.) ପରି ନାତୀୟ ଖ୍ୟାତିସମ୍ପନ୍ନ ପ୍ରତିଷ୍ଠାନ ଯୋଗୁଁ ଏ ଅଞ୍ଚଳ ଆଜି ଦେଶର ଶିକ୍ଷା ମାନଚିତ୍ରରେ ଏକ ବିଶେଷ ସ୍ଥାନ ଅଧିକାର କରିପାରିଛି।



*(ମତାମତ ଲେଖକଙ୍କ ନିଜସ୍ୱ)*



**ଧର୍ମେନ୍ଦ୍ର ପ୍ରଧାନ**
**ମନ୍ତ୍ରୀ, ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାର**

## ନୀତିଶିକ୍ଷା

# ଭିନ୍ନ ଦୃଷ୍ଟିଭଙ୍ଗୀ



**ଭବତୋଷ ତ୍ରିପାଠୀ**

ଜଣେ ଆଧ୍ୟାତ୍ମିକ ଗୁରୁଙ୍କର ଦୁଇ ଜଣ ଶିଷ୍ୟ ଥିଲେ । ସେମାନଙ୍କ ସ୍ୱଭାବ ପରସ୍ପର ଠାରୁ ଭିନ୍ନ ଥିଲା । ଯେହେତୁ ଗୁରୁଙ୍କର ବୃଦ୍ଧ ଅବସ୍ଥା ଆସିଯାଇଥିଲା, ତେଣୁ ଜୀବନର ଶେଷ ସମୟ ଉପସ୍ଥିତ ଜାଣି, ତାଙ୍କ ଶିଷ୍ୟମାନେ, ତାଙ୍କ ଶିକ୍ଷା କେତେଦୂର ଆହରଣ କରିଛନ୍ତି ଜାଣିବାକୁ ଚାହିଁଲେ ଏବଂ କିଏ ଯୋଗ୍ୟ ତାକୁ ଉତ୍ତରାଧିକାର ସୂତ୍ରରେ ରଖିବା ପାଇଁ ମନସ୍ଥ କଲେ । ତେଣୁ ଦିନେ ସେ ଶିଷ୍ୟମାନଙ୍କ ମଧ୍ୟରୁ ଜଣକୁ ନିଜ ପ୍ରକୋଷ୍ଠକୁ ଡାକି କହିଲେ, "ତୁମେ ସଂସାର ବିଷୟରେ କ'ଣ ଚିନ୍ତାକର ? ମୋତେ ତୁମର ମତ ଶୁଣାଅ ।' ଶିଷ୍ୟଟି ଉତ୍ତର ଦେଲା, - " ଏ ସଂସାର ଦୁଃଖ, ଅନ୍ଧକାର ଓ ଅଜ୍ଞାନରେ ପରିପୂର୍ଣ୍ଣ । ଆମର ସମସ୍ତ ସମୟ ଏଠାରେ ଅନ୍ଧକାରରେ ହିଁ ନଷ୍ଟ ହେଉଛି । ରାତ୍ରିର ଅନ୍ଧକାର ଆମକୁ ଆଗେଇବାରେ କୌଣସି ସୁଯୋଗ ଦେଉନାହିଁ । ତେଣୁ ଆମକୁ ଜୀବନରେ ଆଗଇବାକୁ ହେଲେ ସକାଳର ଆଲୋକକୁ ଅପେକ୍ଷା କରିବାକୁ ପଡୁଛି । ଦିନରେ ଆଗେଇବା କଥା ଚିନ୍ତା କରୁକରୁ ପୁଣି ଅନ୍ଧକାର ମାଡ଼ି ଆସି ରାତି ହୋଇଯାଉଛି । ଦିନ ସମୟଟି ହେଉଛି ଦୁଇରାତ୍ରିର ମଧ୍ୟବର୍ତ୍ତୀ କ୍ଷୁଦ୍ର ବିଶ୍ରାମ ସମୟ ଯାହା ଆମକୁ ଅଧିକ ଆଗେଇବାରେ ସାହାଯ୍ୟ କରିପାରେ ନାହିଁ ।" ତା'ପରେ ଗୁରୁ ଦ୍ୱିତୀୟ ଶିଷ୍ୟଟିକୁ ନିଜ ପ୍ରକୋଷ୍ଠ ଭିତରକୁ ଡାକି କହିଲେ, – " ସଂସାର ବିଷୟରେ ତୁମର ମତ କ'ଣ ? ଦୟାକରି ମୋତେ କୁହ ।' ଅତ୍ୟନ୍ତ ଆଗ୍ରହ ସହକାରେ ଦ୍ୱିତୀୟ ଶିଷ୍ୟଟି ଉତ୍ତର ଦେଲା, " ହେ ଗୁରୁଦେବ ! ଏ ପୃଥ ?ବୀ ଏକ ଅତି ଉତ୍କୃଷ୍ଟ ଏବଂ ସୁନ୍ଦର ସ୍ଥାନ । ଯେଉଁଠାରେ କି ଆମେ ଜୀବନର ସମସ୍ତ କ୍ଷେତ୍ରରେ ଆଗେଇବାର ସୁଯୋଗ ପାଉ । ଉଷାର ଆଗନ୍ତୁକ ସୂର୍ଯ୍ୟ କିରଣରେ ଦିନର ଆରମ୍ଭ ହୁଏ । ଚଢ଼େଇର କଳରବ ଓ ଫୁଟନ୍ତା ଫୁଲର ଚମତ୍କାରିତା ଆମକୁ ଦୈନନ୍ଦିନ କର୍ତ୍ତବ୍ୟ ସାଧନ କରିବାର ପ୍ରେରଣା ଦେଇଥାଏ । ଦିନର ଆଲୋକ ଆମକୁ କାର୍ଯ୍ୟକ୍ଷମ କରାଏ ଓ ଅନୁଭୂତି ଆହରଣ କରିବାର ସୁଯୋଗ ଜୁଟାଏ । ଦିନର କଠିନ ପରିଶ୍ରମ ପରେ ଆସେ ରାତ୍ରି, ଯାହା ଆମକୁ ଭଗବାନଙ୍କୁ ପ୍ରାର୍ଥନା କରିବାକୁ ପ୍ରେରଣା ଦେବା ସହ ଆବଶ୍ୟକ ବିଶ୍ରାମ କରିବାକୁ ସୁଯୋଗ ଦିଏ । ଫଳସ୍ୱରୂପ ଆମ ଶରୀର ଓ ମନ ବିଶ୍ରାମ ପାଇ, ପୁନଃ ସତେଜ ହୋଇ, ପୁଣି କାର୍ଯ୍ୟ କରିବା ପାଇଁ ପ୍ରସ୍ତୁତ ହୋଇ ତା' ପରଦିନର ସୁନ୍ଦର ସକାଳକୁ ଶୁଭେଚ୍ଛା ଜଣାଏ । ଜ୍ଞାନ ଓ ଆଲୋକ ସମନ୍ୱିତ ଦୁଇଟି ଦିନର ମଧ୍ୟ ସ୍ଥଳରେ ରାତ୍ରି ଗୋଟିଏ କ୍ଷୁଦ୍ର ବିଶ୍ରାମର ମୁହୂର୍ତ୍ତ । ଗୁରୁ ଉଭୟଙ୍କଠାରୁ କଥା ଶୁଣି କିଏ ଯୋଗ୍ୟ ଜାଣିପାରିଲେ ।

ମର୍ମବାଣୀ : ଏହି ଦୁଇଟି ଦୃଷ୍ଟିଭଙ୍ଗୀ ଦୁଇଜଣ ଶିଷ୍ୟଙ୍କର, ଯେଉଁମାନେ କି ଜଣେ ମାତ୍ର ଗୁରୁଙ୍କଠାରୁ ସମାନ ଶିକ୍ଷା ଅର୍ଜନ କରିଥିଲେ । ଏ ପୃଥିବୀକୁ ଆମେ ଆମର ନିଜସ୍ୱ ଚିନ୍ତା ଶୈଳୀରେ ବିଚାର କରିଥାଉ । ଅନ୍ୟ ପକ୍ଷରେ କହିବାକୁ ଗଲେ ପ୍ରତି ମନୁଷ୍ୟର ପୃଥବୀ ତା' ନିଜସ୍ୱ ଚିନ୍ତା ଓ ମନର ପ୍ରତିଫଳନ ମାତ୍ର । ଗୋଟିଏ ଅବସ୍ଥା ବିଭିନ୍ନ ମନୁଷ୍ୟକୁ ବିଭିନ୍ନ ପ୍ରକାର ପ୍ରତୀୟମାନ ହୁଏ, ଏହା ତା'ର ଚେତନା ଶକ୍ତି ଓ ମାନସିକ ଅବସ୍ଥା ଉପରେ ନିର୍ଭର କରେ ।

*ପାର୍ବତୀପୁର, ପୁରୀ*
*ମୋ - ୯୦୯୦୧୭୨୧୬୭*

## ।। ଓଁ ଶ୍ରୀ ଦୁର୍ଗା ମାଧବାଭ୍ୟାଂ ନମଃ ।।



**ପଣ୍ଡିତ ଶ୍ରୀ ପଦ୍ମନାଭ ତ୍ରିପାଠୀ ଶର୍ମା**
**ଶ୍ରୀ ଲୋକନାଥ ରୋଡ଼, ହାତୀଶାଳ,**
**ପୁରୀ-୭୯୭୮୪୬୪୬୩୯**



**ମେଷ ରାଶି**- ମାସଟି ଅତ୍ୟନ୍ତ ଭଲରେ ଯିବ । କର୍ମକ୍ଷେତ୍ରରେ ଅଭିବୃଦ୍ଧି ହେବ । ଆୟ ଭଲ ହେବ । ପାରିବାରିକ ଜୀବନରେ ମଧ୍ୟମ ଧରଣର ଖୁସି ପାଇବେ । ସମ୍ମାନ ତଥା ସୁଖ ପାଇବେ। ବ୍ୟବସାୟରେ ଲାଭ ହେବ । ବିଦ୍ୟାର୍ଥୀମାନେ ପଢାପଢିରେ ସୁଫଳ ପାଇବେ ।

**ବୃଷ ରାଶି** - ମାସଟି ଆପଣଙ୍କର ଅତ୍ୟୋତ୍ତମ ଫଳ ଦେବ । ଦେହ ମନ ପ୍ରଫୁଲ୍ଲିତ ରହିବ । କର୍ମରେ ସଫଳତା ପାଇବାର ଯୋଗ ରହିଛି । ଆୟ ଅତି ଭଲ ହୋଇପାରେ.ପାରିବାରିକ ଜୀବନ ଖୁସିରେ କାଟିବେ । ବ୍ୟବସାୟ ଶୁଭପ୍ରଦ ହେବ । ବିଦ୍ୟାର୍ଥୀ ଭଲ ପଢ଼ିବେ।

**ମିଥୁନ ରାଶି** - ମାସଟି ଆପଣଙ୍କର ମଧ୍ୟମ ଫଳଦାୟକ ଅଟେ । ଦେହ ସାମାନ୍ୟ ଅସୁସ୍ଥ ହୋଇପାରେ.କର୍ମକ୍ଷେତ୍ରରେ ବିଳମ୍ବ ଯୋଗ ରହିଛି.ଆୟ ମଧ୍ୟମ ଧରଣର ହେବ । ପାରିବାରିକ ଜୀବନରେ ସାମାନ୍ୟ ଖୁସି ପାଇବେ । ବ୍ୟବସାୟରେ ଲାଭ ପାଇବେ । ବିଦ୍ୟାର୍ଥୀମାନେ ଉଚ୍ଚଫଳ ପାଇବେ।

**କର୍କଟ ରାଶି** - ମାସଟି ଆପଣଙ୍କର ଏତେ ଭଲରେ ଯିବନାହିଁ । ଦେହ ସାମାନ୍ୟ ପୀଡା ହୋଇପାରେ । କର୍ମକ୍ଷେତ୍ରରେ ଶୁଭାଶୁଭ ହେବ । ଆୟ ହ୍ରାସ ହୋଇପାରେ । ପାରିବାରିକ ଜୀବନରେ ଅଶାନ୍ତି ହୋଇପାରେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ବିଦ୍ୟାର୍ଥୀମାନେ ପଢ଼ାରେ ଶୁଭଫଳ ପାଇବେ ।

**ସିଂହ ରାଶି** - ମାସଟି ମଧ୍ୟମ ଫଳଦାୟକ ରହିବ। ଦେହ ଓ ମନ ଭଲ ରହିବ.କର୍ମକ୍ଷେତ୍ରରେ ସମସ୍ୟା ଦେଖାଦେଇପାରେ.ଆୟ ଉତ୍ତମ ହେବ। ପାରିବାରିକ ଜୀବନ ସାମାନ୍ୟ ଖୁସିରେ କାଟିବେ.ବ୍ୟବସାୟରେ ଲାଭକ୍ଷତି ମିଶି ଚାଲିବ । ବିଦ୍ୟାର୍ଥୀମାନେ ପଢ଼ାରେ ଅଗ୍ରଗତି କରିବେ।

**କନ୍ୟା ରାଶି** - ମାସଟି ଆପଣଙ୍କର ଅତ୍ୟନ୍ତ ଭଲରେ ଯିବ । ଦେହ ଓ ମନ ଭଲରେ ଯିବ.କର୍ମକ୍ଷେତ୍ରରେ ଉନ୍ନତି ହେବ । ଆୟ ଅତ୍ୟନ୍ତ ଭଲ ହେବ.ପାରିବାରିକ ଜୀବନ ହସଖୁସିରେ କାଟିବେ.ବ୍ୟବସାୟରେ ଲାଭ ହେବ । ବିଦ୍ୟାର୍ଥୀମାନେ ପଢ଼ାରେ ଧ୍ୟାନ ଦେଇ ଆଗେଇବେ।

**ତୁଳା ରାଶି** - ମାସଟି ଆପଣଙ୍କର ମଧ୍ୟମ ଫଳଦାୟକ ହେବ । କର୍ମକ୍ଷେତ୍ରରେ ଉଚ୍ଚଆଶା କରି ଆଗେଇବେ । ଆୟ ଅତ୍ୟୋତ୍ତମ ହେବ । ପାରିବାରିକ ଜୀବନ ଖୁସିରେ କାଟିବେ.ବ୍ୟବସାୟରେ ମଧ୍ୟମ ଫଳ ପାଇବେ.ବିଦ୍ୟାର୍ଥୀମାନେ ପଠନ ଲିଖନ ଦ୍ୱାରା ଅତିଉଚ୍ଚଫଳ ପାଇବେ ।

**ବିଛା ରାଶି** -ମାସଟି ମଧ୍ୟମ ଧରଣର ରହିବ । କର୍ମକ୍ଷେତ୍ରରେ ବିଳମ୍ବ । ଦେହ ଓ ମନ ପ୍ରାୟ ଭଲ ରହିବ.ଆୟ ବ୍ୟୟ ପ୍ରାୟ ସମାନ ରହିପାରେ.ପାରିବାରିକ ଜୀବନ ହସଲ୍ଲାସ ରେ ଆନନ୍ଦରେ କାଟିବେ.ବ୍ୟବସାୟରେ ମଧ୍ୟମ ଫଳ ପାଇବେ.ବିଦ୍ୟାର୍ଥୀମାନେ ପଢ଼ାରେ ଉଚ୍ଚ ଫଳ ପାଇବେ ।

**ଧନୁ ରାଶି** - ମାସଟି ଆପଣଙ୍କର ଅତି ଭଲରେ ଯିବ.କର୍ମକ୍ଷେତ୍ରରେ ଉତ୍ସାହିତ ରହିବେ । ସମ୍ମାନ ତଥା ଅନେକ ସୁଖ ପାଇବେ.ଆୟ ଅତ୍ୟନ୍ତ ଭଲ ହେବ । ପାରିବାରିକ ଜୀବନ ସୁଖଶାନ୍ତିରେ କାଟିବେ. ବ୍ୟବସାୟ ଲାଭଦାୟକ ହୋଇପାରେ । ବିଦ୍ୟାର୍ଥୀମାନେ ଶୁଭଫଳ ପାଇବେ ।

**ମକର ରାଶି** - ମାସଟି ଆପଣଙ୍କର ମଧ୍ୟମ ଫଳଦାୟକ ହେବ । କର୍ମକ୍ଷେତ୍ରରେ ଅବହେଳା ଦେଖାଦେଇପାରେ । ଦେହ ଓ ମନ ଭଲ ରହିବ । ଆୟ ମଧ୍ୟମ ହେବ । ପରିବାରିକ ଜୀବନ ହସଖୁସିରେ କାଟିବେ । ବ୍ୟବସାୟରେ ଅଳ୍ପ ଲାଭ ପାଇବେ । ବିଦ୍ୟାର୍ଥୀମାନେ ପଢ଼ାରେ ସୁଫଳ ପାଇବେ।

**କୁମ୍ଭ ରାଶି** – ମାସଟି ଆପଣଙ୍କର ଫଳ ମଧ୍ୟମ ଫଳଦାୟକ ହେବ । କର୍ମକ୍ଷେତ୍ରରେ ସାମାନ୍ୟ ସମସ୍ୟା ଦେଖାଦେବ । ଆୟ ଅପେକ୍ଷା ବ୍ୟୟ ଅଧିକ ହୋଇପାରେ.ପାରିବାରିକ ଜୀବନରେ ସାମାନ୍ୟ ଅଶାନ୍ତି ହୋଇପାରେ.ବ୍ୟବସାୟରେ ଲାଭ କମ ହେବ । ବିଦ୍ୟାର୍ଥୀମାନେ ପଢ଼ାରେ ପରିଶ୍ରମ କରିବେ।

**ମୀନ ରାଶି** - ମାସଟି ଆପଣଙ୍କର ସାମାନ୍ୟ ଅସ୍ଥିରତା ଦେଖାଦେବ । କର୍ମକ୍ଷେତ୍ରରେ ମଧ୍ୟମ ଫଳ ପାଇବେ । ଦେହ ଭଲ ଓ ମନ ଉତ୍ସାହିତ ରହିବ ଆୟ ଭଲ ହେବ । ପାରିବାରିକ ଜୀବନ ଖୁସିରେ କାଟିବେ । ବ୍ୟବସାୟରେ ଶୁଭାଶୁଭ ମିଶ୍ରିତ ରହିବ । ବିଦ୍ୟାର୍ଥୀମାନେ ପଢ଼ାରେ ସଫଳତା ପାଇବେ ।

# Lord Jagannath : The Lord of the Universe

The Indians, particularly the people of Orissa, owe a lot to Lord Jagannath. He is the Lord of the Universe, about whom the Vedas are silent. Sometimes people are puzzled about the mystery that surrounds the Lord. He is a great 0. You add 0, with 0,the result is 0. You deduct 0 from 0, the result is 0. You multiply 0 with 0, the result is also 0. Zero is nothingness. It is also the fullness; it represents the completion of a process. The Lord is omnipotent, omnipresent and omniscient. He is all pervading and is the Lord of the Universe. The Holy Trinity, Lord Jagannatha, Lord Balabhadra and Goddess Subhadra represent three races; black, white and yellow being the colour of the races. They are of three qualities (Gunas) : Sattwa, Tamas and Raja. Jagannath Cult transcends all barriers of caste, community and religion. It preaches the cult of equality, fraternity and brotherhood. Therefore, the annual Car Festival of Lord Jagannath is gaining popularity in the country and abroad. People of almost all religious faiths find their own ideas and concepts in the Jagannatha Cult. Lord Jagannatha has drawn devotees from all faiths and creeds. Saints and prophets have bowed to Lord Jagannatha. Nanaka, Adiguru Sankaracharya and Shri Chaitanya have visited Puri to get the mercy of Lord Jagannatha. Puri has also been visited by Ganapati Bhatta of Maharashtra, a devotee of Lord Ganesha, who wanted to see Ganesha in Lord Jagannatha. The Lord fulfilled the desire of the saint, and on Devasnana Purnima every year, He appears in 'Ganapati Vesha'. The great saint Kabir had seen Lord Krishna in Lord Jagannatha and had addressed to Lord Jagannatha in the following words : Kabse chhodi Mathurapuri ab hogaya Jharkhandka basi : Since when have you left Mathura and have become the dweller of Jharkhanda (Orissa was described as Jharakhanda) ? Lord Jagannatha is the Lord of the Universe. Salabega, a Mohmmedan, was very dear to the Lord and has written a number of bhajanas and jananas expressing his deep devotion to Lord Jagannatha. Dasia Bauri was born to a lowly family. The Lord had extended His great arm, 'Baliar Bhuja' to take a coconut offered



by a lowborn man. Hadi Dasa, a blacksmith was a great believer. It is heard that the Lord would go to Chhatiabata (In Badachana Police-Station of Jajpur district) to dwell there for a few days as He was highly pleased with the devotion of Hadi Dasa. There are many such stories. It is believed that Lord Jagannatha goes to Badrika (Jammu and Kashmir) early in the morning to take his bath. He then proceeds to Dwaraka (Gujarat) for His early vesha or morning adornment ; at noon He proceeds to Puri for His lunch and in the night, after witnessing Devadasi dance and hearing Gita Govinda, which is dearest to Him, goes to sleep at Rameshwaram (Tamil Nadu). Saints and devotees of all faiths including Nanak Panthis, Ramananda Panthis, Shri Rama Krushna Mission and a host of others have established their Ashramas at Puri. Adiguru Sankaracharya has established four dhamas in different parts of the country. One at Badrika (Jammu and Kashmir) another at Dwaraka (Gujarat) a third at Sringeri (Kerala) and of course one at Puri. During the Car Festival, the Gajapati Raja does Chhera Pahnra, (Cleaning the chariots with a golden handle broom). Except him, Shankaracharya of Puri alone is permitted to visit the holy Trinity in their respective chariots. What about Lord Jagannatha, Who is a mysterious God ? Why is He black? Some people believe that Lord Jagannatha is a great void. In their opinion, as the colour of the sky is black and as Lord Jagannatha is a great void, He dwells in 'Mahasunya'. Therefore the colour of Lord Jagannatha is black. Another question comes to the mind that why Lord Jagannatha is immovable (Madala) ? The answer is that the Jiva performs karmas but Param Brahma does not. As Lord Jagannatha is Param Brahma, He has neither hands nor legs and He does not perform any karma. Therefore He is static. Why are the eyes of Lord Jagannatha round shaped ? As He is Mahasunyabasi and looks to the entire world through this 'O', His eyes are round - shaped. What has He not done to keep the prestige of the Oriyas during the Kanchi war ? The two brothers, Lord Balabhadra and Lord Jagannatha, had to perform the role of ordinary soldiers. They had to mortgage a gold ring with Manika Gauduni, from whom they had to drink curd on their way to Kanchi. At last Gajapati Purusottama Deva won the battle. It is said : Dolescha Dolagovinda Chapescha Madhusudana, Rathetu Bamanam Drustwa Punarjanmam Na Bidyate. If you behold Lord (Dolagovinda) in the wooden palanquin during Dola festival, in boat in the Narendra pond during Chandana Yatra (Madhusudana) and Lord Jagannatha (Bamanam) in the chariot, there will be no rebirth and you will be free from the cycle of birth and death.

# Parakram Diwas: Honouring Netaji's legacy in the heart of Odisha's history



**Dharmendra Pradhan**
Union Minister of Education

As the nation gears up to celebrate Parakram Di was 2025, all roads lead to Cuttack, Odisha birthplace of one of In- dia's most indomitable leaders, Netaji Subhas Chandra Bose. The historic Barabati Fort, which serves as the venue for this year's cele- brations, stands as a silent wit- ness to centuries of Odisha's history. Born on January 23, 1897, Sub- has Chandra Bose was the son of Janakinath Bose, a lawyer who had migrated to Cuttack, Odisha in the 1880s. The city, with its rich history and vibrant intellectual traditions, shaped the formative years of a boy who would grow to challenge the might of the British empire. In January 1909, Subhas Chandra Bose joined the Raven shaw Collegiate School, Cut- tack. This monumental stage of his life marked the begin ning of an intellectual and moral awakening. Bose was deeply influenced by the vision ary teachings of his headmas ter, Beni Madhab Das, who in- stilled in him a sense of purpose and integrity. Complementing this foundation were the philo- sophical teachings of Ram krishna Paramhansa, Swami Vivekanand and Sri Aurobindo Ghosh, whose ideals of nation- alism and self-realization be- came guiding principles for Bose throughout his life. Odisha's illustrious history of student activism also inter twines with Netaji's rise. In 1939, when Bose was elected as Presi- dent of the Indian National Con- gress in Tripuri, he was sup- ported by many young leaders, including Harekrushna Mahtab, who later became the Chief Min- ister of Odisha. Mahtab, as a young student leader, actively participated in the session, re- flecting Odisha's enduring spirit of resistance and reform. Parakram Diwas, instituted to celebrate the stellar contri- butions of Netaji Subhas Chan- dra Bose, has evolved into a na- tional festival of unity and courage. The first edition in Kolkata highlighted Netaji's lively connection to the city. where he served as the Mayor and left a lasting legacy as a fearless leader. The 2024 cele- brations at the Red Fort in Del- hi paid tribute to the trials of the Indian National Army (INA), marking a climactic chapter of India's freedom struggle. In 2025, the celebra- tions return to where it all be- gan-Cuttack, the city that nurtured Netaji's aspirations and shaped his revolutionary outlook. While Delhi's Red Fort symbolizes the culmination of India's struggle, Barabati Fort reflects its genesis, where the seeds of Netaji's steadfast de- termination were first sown. Netaji Subhas Chandra



Bose was an embodiment of pristine purity Like a meteor, he rose up the Indian skies and illuminat ed the horizons with his lumi- nous personality. The humble beginning of Netaji's journey as an intrepid leader began in Cuttack; he continues to in spire the youth of Odisha and beyond. His life is a testament to the ideals of resilience, inno- vation, and a fiercely patriotic commitment to the nation. De- spite being born into a rich family, Netaji chose a path of self-sacrifice and discipline. His resignation from the Indian Civil Services to join the free- dom movement exemplifies the courage to prioritize values over personal gain. Netaji's leadership left a deep impact on our nation building. Netaji was a towering leader with an unwavering faith in the greatness of India. He envi- sioned an India free from the divisions of caste, language, religion and region, united by the thread of a sublime national unity. He said, "Though geo- graphically, ethnologically and historically. India presents an endless diversity to any observ er, there is nonetheless a funda- mental unity underlying this diversity". It was his deep com mitment towards promoting the essential unity of India that prompted Mahatma Gandhi to write: "The greatest achieve- ment of the INA under the lead- ership of Netaji was to gather under one banner men of all religions and races of India and to infuse into them the spirit of solidarity and one- ness, to the utter exclusion of all communal and parochial sentiments. It is an example we should emulate." Netaji exemplifies the ideals of resilience, embedded in a non-dogmatic and non-doctri- naire approach. The INA he set up was a product of his uncon ventional and alternative ap- proach to secure the country's freedom. Netaji inspired INA with three powerful words, which became their credo: IT TEFAQ, ITEMAD aur QURBA NI"-Ekta, Viswas aur Thyag Unity, Faith and Sacrifice. In the Amrit Kaal, if our Amrit Peedi follows these ideals of Netaji, they can help India at tain her destined greatness, which Hon'ble Prime Minister has articulated in his vision of a Vikasit Bharat by the cente- nary of the country's Independ ence. This shall be the greatest tribute, we can pay to the mem- ory and sacrifice of Netaji. The 2025 edition is poised to reflect the soaring ambitions of our youth. It is set to be an ex- traordinary celebration, offer ing a rich tapestry of cultural and historical experiences over three days. Key features of this year's celebrations include, cul tural performances, immersive exhibits and sand art displays showcasing Netaji's life.Today, the youth of Odisha stand at the forefront of preserving a glorious legacy and forging their own paths toward national service and excellence. For Odisha's youth, Netaji's life underscores the importance of quest for greatness while staying rooted in the ethos of serv- ice and integrity. His early struggles and later achieve- ments were rooted in disci- pline, thirst for knowledge, and relentless drive to serve the motherland. Odisha's youth can emulate his strong deter mination by channelling their energies to make their mark in varied areas of nation build- ing, while making Odisha as one of the progressive and for ward-looking states in the country to realise the national vision of development. When the sun sets over Barabati Fort, the echoes of "Jai Hind" will resonate, reminding us of a leader whose life was shaped by Cuttack's soil and whose legacy continues to in- spire a billion hearts. In this Parakram Diwas, we not only celebrate Netaji but also reaf firm our commitment to the values that he stood for, making his vision of a strong and unit- ed India ever more relevant.



ବୀର ଗାଥା ୪.୦ ର 'ସୁପର ୧୦୦' ବିଜେତାମାନଙ୍କୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଅଛି।



ପୁରୀ ତାଳବଣିଆ ପଡିଆ ଠାରେ ତାଳବଣିଆ ଉନ୍ନୟନ ପରିଷଦ ପ୍ରଥମ ଥର ଆୟୋଜିତ କରିଥିବା ଶ୍ରୀକ୍ଷେତ୍ର ମକର ମହୋତ୍ସବ ୨୦୨୫ରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ବିଭିନ୍ନ ଷ୍ଟଲ ବୁଲିବା ସହ ସ୍ୱେଚ୍ଛାସେବୀ ସଙ୍ଗଠନ ଓ କୃତି ଶିଶୁ ପ୍ରତିଭାମାନଙ୍କୁ ସମ୍ମାନିତ କରିଥିଲେ।



ସମ୍ବଲପୁର ଠାରେ 'ସମ୍ବାଦ' ଓ 'ଆମ ଓଡ଼ିଶା' ତରଫରୁ ଆୟୋଜିତ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର, ସମ୍ବାଦ ସଂପାଦକ ତନୟା ପଟ୍ଟନାୟକ, ପଞ୍ଚାୟତରାଜ ମନ୍ତ୍ରୀ ରବିନାରାୟଣ ନାୟକ ଓ ବିଧାୟକ ଜୟନାରାୟଣ ମିଶ୍ର ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ ।



୭୬ ତମ ସାଧାରଣତନ୍ତ୍ର ଦିବସ ଅବସରରେ ଲୋକସେବା ଭବନ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ପଦକପ୍ରଦାନ ଉତ୍ସବରେ ମାନ୍ୟବର ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ ପାଟିଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଅଦମ୍ୟ ସାହସ, ନିଷ୍ଠା ଏବଂ ଜନସେବା ଦ୍ୱାରା ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅଧିକାରୀଙ୍କୁ ପୁରସ୍କୃତ କରାଯାଇଛି।




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୁବନେଶ୍ୱରଠାରେ 'ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀକୁ ମୁଖ୍ୟ ଅତିଥି ଭାବେ ଯୋଗଦେବା ସହ କାର୍ଯ୍ୟକ୍ରମରେ ନିମନ୍ତ୍ରିତ ସମସ୍ତ ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧିତ କରିଥିଲେ। ଏହା ସହ ଦିଲ୍ଲୀର ନିଜାମୁଦ୍ଦିନ୍ ରେଳ ଷ୍ଟେସନ୍ ଠାରୁ ପ୍ରବାସୀ ଭାରତୀୟ ଏକ୍ସପ୍ରେସର ଶୁଭାରମ୍ଭ କରିଥିଲେ । ଏହି ବିଶେଷ ଟ୍ରେନ୍ ତିନି ସପ୍ତାହ ଧରି ଭାରତର ବିଭିନ୍ନ ପର୍ଯ୍ୟଟନ ଏବଂ ଧାର୍ମିକ ଗୁରୁତ୍ୱର ସ୍ଥଳଗୁଡ଼ିକୁ ସଂଯୋଗ କରିବ ।




ପୁରୀ ତାଳବଣିଆ ସ୍ଥିତ ଉସ୍ଥି ଫାଉଣ୍ଡେସନ ଇଣ୍ଡିଆ ସ୍କୁଲ୍ ର ୩୨ତମ ବାର୍ଷିକ ଉତ୍ସବରେ ସାଂସଦ ଡ. ସମ୍ବିତ ପାତ୍ରଙ୍କ, ଶୁଭାଷିଶ ଖୁଣ୍ଟିଆ ସହ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଅତିଥି ଭାବେ ଯୋଗଦେବା ସହ କୃତି ଶିଶୁ ପ୍ରତିଭାଙ୍କୁ ସମ୍ମାନିତ କରିଥିଲେ।



ପୁରୀର ଗୋବର୍ଦ୍ଧନ ପୀଠର ଶ୍ରୀ ଜଗତ୍ ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜଙ୍କ ଉପସ୍ଥିତିରେ 'ମହୋଦଧି ଆଳତୀ'ର ବାର୍ଷିକ ଉତ୍ସବ ଅନୁଷ୍ଠିତ।



ଗଣତନ୍ତ୍ର ଦିବସ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଆୟୋଜିତ 'ଆଟ୍ ହୋମ୍ ପାର୍ଟି' କାର୍ଯ୍ୟକ୍ରମ ଅନୁଷ୍ଠିତ।



ଲୋକ ସେବା ଭବନରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଉପମୁଖ୍ୟ କନକବର୍ଦ୍ଧନ ସିଂହଦେଓ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କୁ ଭେଟିଛନ୍ତି ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାରର ଅଧକ୍ଷ ତଥା ସାଂସଦ ନବୀନ ଜିନ୍ଦଲ।



କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ବିଶ୍ୱର ଶ୍ରେଷ୍ଠ ୧୦୦ ବିଶ୍ୱବିଦ୍ୟାଳୟ ଏବଂ ଭାରତରେ କ୍ୟାମ୍ପସ୍ ଖୋଲିବା ପାଇଁ ପ୍ରଥମ ବିଦେଶୀ ବିଶ୍ୱବିଦ୍ୟାଳୟ ଭାବରେ, ଓ୍ୟୁଏସ୍ ଦିଲ୍ଲୀ ଏନ୍‌ସିଆର୍ କ୍ୟାମ୍ପସ୍ ଭାରତୀୟ ଏବଂ ଆନ୍ତର୍ଜାତୀୟ ଛାତ୍ରଛାତ୍ରୀମାନଙ୍କୁ ଗବେଷଣା, ନବସୃଜନ ଏବଂ ବାସ୍ତବ-ବିଶ୍ୱ ପ୍ରୟୋଗ ଦ୍ୱାରା ଚାଳିତ ଉଚ୍ଚମାନର ଶିକ୍ଷା ପ୍ରଦାନ କରିବ ବୋଲି ମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।



ନୂଆ ଶିକ୍ଷା ନୀତି-୨୦୨୦ ସମ୍ପର୍କିତ ତିନି ଦିନିଆ ଜାତୀୟ କର୍ମଶାଳାର ଶୁଭାରମ୍ଭ ହୋଇଛି । ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଓଡ଼ିଶାରେ ଏହାର କାର୍ଯ୍ୟକାରିତା ସମ୍ପର୍କରେ ଆଭିମୁଖ୍ୟ ରଖିଛନ୍ତି । ନୂତନ ଶିକ୍ଷା ନୀତିରେ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ସୁଦୃଢ଼ ଭିତ୍ତିଭୂମି ସୃଷ୍ଟି ଓ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରାଯିବ। ରାଜ୍ୟ ସରକାର ଏଥିପାଇଁ ନିଷ୍ପତ୍ତି ନେଇ ସାରିଛନ୍ତି ଏବଂ ଆସନ୍ତା ଶିକ୍ଷା ବର୍ଷଠାରୁ ଏହି ନୂଆ ନୀତି କାର୍ଯ୍ୟକାରୀ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ଉତ୍ତର-ପୂର୍ବାଞ୍ଚଳ ୭ଟି ରାଜ୍ୟର ଛାତ୍ର ପ୍ରତିନିଧି ଓଡ଼ିଶାର ନୂଆ ରାଜ୍ୟପାଳ ହରି ବାବୁ କୁମ୍ଭମ୍ପତିଙ୍କୁ ସାକ୍ଷାତ କରିବା ଅବସରରେ




ପୁରୀର ଶରଧାବାଲି ଠାରେ ଭାରତ ସରକାରଙ୍କ ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରଣାଳୟ ଏବଂ ପୁରୀ ପୌରପାଳିକା ଦ୍ୱାରା ଆୟୋଜିତ ସାଞ୍ଜା ଉତ୍ସବ-୨୦୨୫ ଅନୁଷ୍ଠିତ।



ସିଙ୍ଗାପୁର ଏବଂ ଓଡ଼ିଶା ମଧ୍ୟରେ ବଢୁଥିବା ସହଭାଗୀତାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବରେ ରାଜ୍ୟ ସରକାର ଏବଂ ସିଙ୍ଗାପୁର ସ୍ଥିତ କମ୍ପାନୀଗୁଡ଼ିକ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ୮ଟି ବୁଝାମଣାପତ୍ର ଆଦାନପ୍ରଦାନ ହୋଇଛି। ସିଙ୍ଗାପୁରର ମହାମହିମ ରାଷ୍ଟ୍ରପତି ଥରମନ ଶନମୁଗରତ୍ନମ୍, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଭୁବନେଶ୍ୱରରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।



ସପ୍ତମ ବାଟାଲିୟନ ପଡ଼ିଆ ରେ ଆୟୋଜିତ ପତାକା ଅବତରଣ ଉତ୍ସବ - ୨୦୨୫ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇଥିଲେ।



ବୈଦେଶିକ ମନ୍ତ୍ରଣାଳୟର ରାଜ୍ୟମନ୍ତ୍ରୀଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ ପୁରୀ ଲୋକସଭା ସାଂସଦ ଡ. ସମ୍ବିତ ପାତ୍ର ଯାହାକି ଚିଲିକା ବିଧାନସଭାର ୪୩ ଜଣ ନାଗରିକ ରୋଜଗାର ନିମନ୍ତେ ମାଳଦୀପରୁ ଓଡ଼ିଶାର ନାଗରିକଙ୍କୁ ଫେରାଆଇ ଆଣିବା ପାଇଁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।



ବିଜେପି ପୁରୀ ଜିଲ୍ଲା ନୂତନ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି ଡ଼ା. ଦେବେନ୍ଦ୍ର ତରାଇ ।




ଉତ୍କର୍ଷ ଓଡ଼ିଶା ଅବସରରେ ମହିଳାମାନଙ୍କୁ ନେଇ ଆୟୋଜିତ ସ୍ୱତନ୍ତ୍ର ଅଧିବେଶନ "ସୁଭଦ୍ରା ରୁ ମୁଦ୍ରା" କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହିଳା ଉଦ୍ୟୋଗୀମାନଙ୍କ ସହ ଆଲୋଚନା କରିଛନ୍ତି।



ଲୋକସଭା ସଦସ୍ୟ ଦିଲୀପ ସାଇକିଆ ଆସାମ ପ୍ରଦେଶ ବିଜେପିର ରାଜ୍ୟ ସଭାପତି ନିର୍ବାଚିତ।

## ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଶପଥ ନେଲେ ଡୋନାଲ୍ ଟ୍ରମ୍ପ

**ଭାନ୍ସ ଓ୍ୱାସିଂଟନ:** ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଐତିହାସିକ ବିଜୟ ହାସଲ କରିଥିବା ଡୋନାଲ୍ଡ ଟ୍ରମ୍ପ ଆଜି ଦେଶର ୪୭ତମ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିଛନ୍ତି। ଟ୍ରମ୍ପଙ୍କ ସହିତ ରିପବ୍ଲିକାନ ନେତା ଜେଡି ଭାନ୍ସ ଉପରାଷ୍ଟ୍ରପତି ଭାବେ ଶପଥ ନେଇଛନ୍ତି। ପ୍ରବଳ ଥଣ୍ଡା ଯୋଗୁ ଟ୍ରମ୍ପଙ୍କ ଶପଥ ଗ୍ରହଣ ଉତ୍ସବ ଆମେରିକୀୟ ସଂସଦ ଭବନ (କ୍ୟାପିଟଲ) ଭିତରେ ଅନୁଷ୍ଠିତ ହୋଇଥିଲା। ୧୯୮୫ ମସିହାରେ ମଧ୍ୟ ଏଭଳି ସ୍ଥିତି ଯୋଗୁଁ ରୋନାଲ୍ଡ ରେଗାନ ୟୁଏସ୍ କ୍ୟାପିଟଲରେ ଶପଥ ନେଇଥିଲେ। ଏହାର ୪୦ ବର୍ଷ ପରେ ଟ୍ରମ୍ପ ଓ ତାଙ୍କ ଡେପୁଟି ଭାନ୍ସ ସଂସଦ ଭବନ ଭିତରେ ଶପଥ ଗ୍ରହଣ କରିଛନ୍ତି। ବିଚାରପତି ଜନ୍ ରବର୍ଟସ୍ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତିଙ୍କୁ ଶପଥ ପାଠ କରାଇଥିଲେ।





ପୁରୀ ସରଧାବାଲିଠାରେ ରୂପା ଆଣ୍ଡ ଟ୍ରୁପ ର ରୌପ୍ୟ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି।



ପ୍ରକାଶ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ଓ ମଧୁସୂଦନ ପାଢ଼ୀ ରାଜ୍ୟ ନିର୍ବାଚନ କମିସନର ଭାବେ ନବନିଯୁକ୍ତି ହୋଇଛନ୍ତି।

## ପୁରୀଠାରେ ତୃତୀୟ ଅଖିଳ ଭାରତୀୟ ରୂପକ ମହୋତ୍ସବ

କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଶ୍ରୀ ସଦାଶିବ ପରିସର, ପୁରୀ ଠାରେ ତୃତୀୟ ଅଖିଳ ଭରତୀୟ ରୂପକ ମହୋତ୍ସବ, ପୁର୍ବ କ୍ଷେତ୍ରୀୟ, ଚତୁର୍ଥ ବଳୟ ଆଜି ଶ୍ରୀ ସଦାଶିବ ପରିସରର ନିର୍ଦ୍ଦେଶକ ପ୍ରଫେସର ବନମାଳୀ ବିଶ୍ୱାଳଙ୍କ ଅଧକ୍ଷତାରେ ଉଦଯାପିତ ହୋଇଯାଇଛି । ଏହି ଉଦଯାପନ ସମାରୋହରେ ମୁଖ୍ୟ ଅତିଥିରୂପେ ମାନ୍ୟବର ସାଂସଦ, ପୁରୀ ,ଡକ୍ଟର ସମ୍ବିତ୍ ପାତ୍ର ଯୋଗଦେଇଥିବା ବେଳେ , ବିଶିଷ୍ଟ ଅତିଥିରୂପେ ଯୋଗଦେଇଥିଲେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଓଡିଶାର କୁଳସଚିବ ପ୍ରଫେସର ନୃସିଂହ ଚରଣ ପଣ୍ଡା, ଏବଂ ସମ୍ମାନିତ ଅତିଥିରୂପେ ଯୋଗଦେଇଥିଲେ ବିଶିଷ୍ଟ ମଞ୍ଚ ଏବଂ ଚଳଚ୍ଚିତ୍ର ନିର୍ଦ୍ଦେଶକ ତଥା ଅଭିନେତା ଶ୍ରୀଯୁକ୍ତ ଅଶ୍ରୁମୋଚନ ମହାନ୍ତି, ଓ ସାରସ୍ୱତ ଅତିଥିଭାବେ ଯୋଗ ଦେଇଥିଲେ ଶ୍ରୀ ସୋମନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ,ଗୁଜୁରାଟର,କୁଳପତି ପ୍ରଫେସର



ସୁକାନ୍ତ କୁମାର ସେନାପତି, ସୂଚନାଯୋଗ୍ୟକି ତିନିଦିନ ଧରି ଅନୁଷ୍ଠିତ ହୋଇଥିବା ଅଖିଳ ଭରତୀୟ ରୂପକ ମହୋତ୍ସବରେ ଶ୍ରୀ ସଦାଶିବ ପରିସର ବ୍ୟତିତ ରାଜ୍ୟ ବାହାରୁ ଛଅ ଗୋଟି ନାଟ୍ୟଦଳ ଯୋଗଦାନ କରି ସଂସ୍କୃତ ନାଟକ ପରିବେଷଣ କରି ସମବେତ ଦର୍ଶକ ମଣ୍ଡଳୀଙ୍କୁ ବିମୋହିତ କରିଥିଲେ। ବିଚାରକ ଭାବେ ପ୍ରଫେସର୍ ଏନ୍. ସି. ପଣ୍ଡା, ଡକ୍ଟର ନାରୟଣ ଦାଶ, ଡକ୍ଟର ବଦ୍ରୀ ମିଶ୍ର ପ୍ରମୁଖ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମର ସଂଯୋଜକ ପ୍ରଫେସର୍ ସୁଶାନ୍ତ କୁମାର ରାଜ୍ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଅନୁଭବ ଅଭିଭାଷଣ ପ୍ରଦାନ କରିଥିଲେ ଶ୍ରୀ ରାଧାମାଧବ ଆଦର୍ଶ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ବୁନ୍ଦେଶ୍ୱର ଷଡ଼ଙ୍ଗୀ ପରିଶେଷରେ ଅଧ୍ୟାପକ ତଥା ଏହି ମହୋତ୍ସବ ଯୁଗ୍ମ ସଂଯୋଜକ ଡକ୍ଟର ବିଶ୍ୱନାଥ ମିଶ୍ର ପୁରସ୍କାର ବିବରଣୀ ଘୋଷଣା କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ

## ସାଧାରଣତନ୍ତ୍ର ଦିବସରେ ମହାକୁମ୍ଭନଗରରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଡିଜିଟାଲ ପ୍ରଦର୍ଶନୀ ବୁଲିଲେ ଦର୍ଶକ

ଚଳିତବର୍ଷ ସାଧାରଣତନ୍ତ୍ର ଦିବସରେ ପ୍ରୟାଗରାଜ ମହାକୁମ୍ଭନଗରରେ ପଡିଥିବା ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଡିଜିଟାଲ ପ୍ରଦର୍ଶନୀ ବୁଲି ଦେଖିଛନ୍ତି ଅନେକ ଦର୍ଶକ । ଏହି ପ୍ରଦର୍ଶନୀକୁ ଉଭୟ ଦର୍ଶକ ଓ ଶ୍ରଦ୍ଧାଳୁ ଭୂୟସୀ ପ୍ରଶଂସା କରିବା ସହ ଏହା ଅଧିକ ଶିକ୍ଷଣୀୟ ହୋଇ ପାରିଥିବା ପ୍ରତିକ୍ରିୟା ଦେଇଛନ୍ତି । ପ୍ରଦର୍ଶନୀର ସେଲଫି ପଏଂଟରେ ମହିଳା ଓ ଶିଶୁମାନେ ବିଭିନ୍ନ ସେଲଫି ନେଉଥିବା ଦେଖିବାକୁ ମିଳିଥିଲା । ପ୍ରଦର୍ଶନୀରେ ସ୍ଥାନିତ ହୋଇଥିବା ପ୍ରତୀକାତ୍ମକ ସମୁଦ୍ର ମନ୍ଥନ ପ୍ରତିକୃତିକୁ ପ୍ରଶଂସା କରି ଅନେକ ଦର୍ଶକ ଏହି ସ୍ଥାନରେ ସେଲଫି ଉଠାଇଥିବା ବି ଦେଖିବାକୁ ମିଳିଥିଲା । ତ୍ରିବେଣୀ ରାସ୍ତାର ପରେଡ ଗ୍ରାଉଣ୍ଡରେ ଉଭୟ ଶ୍ରଦ୍ଧାଳୁ ଓ ସାଧାରଣ ଦର୍ଶକଙ୍କ ପାଇଁ ୧୩ ଜାନୁୟାରୀରୁ ୨୬ ଫେବୃୟାରୀ ପର୍ଯ୍ୟନ୍ତ ଚାଲିଥିବା ଏହି ମହାକୁମ୍ଭ ମେଳାକୁ କେନ୍ଦ୍ର ସୂଚନା



ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜନ କରାଯାଇଛି । ଏହି ମେଳାରେ ଗତ ଦଶବର୍ଷ ଭିତରେ ସରକାର କରିଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଅବତାରଣା କରାଯାଇଛି । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପଡିଥିବା ଜାତୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା, ପ୍ରଧାନମନ୍ତ୍ରୀ ଇଂଟରନସିପ ଯୋଜନା, କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ସମ୍ପର୍କିତ ଡିଜିଟାଲ ପ୍ରଦର୍ଶନୀରୁ ବହୁ ଉପାଦେୟ ତଥ୍ୟ ଦର୍ଶକ ଜାଣିପାଉଥିବା ଦେଖିବାକୁ ମିଳିଛି ।

## ମହାକୁମ୍ଭ ଦଳାଚକଟାର ତଦନ୍ତ କରିବାକୁ ଗଠନ ହେଲା କମିସନ

ମହାକୁମ୍ଭ ଦଳାଚକଟା ତଦନ୍ତ ସମ୍ପର୍କରେ ଏକ ପ୍ରମୁଖ ସୂଚନା ହସ୍ତଗତ ହୋଇଛି। ନ୍ୟାୟିକ ତଦନ୍ତ କମିସନ ଆଜି ପ୍ରୟାଗରାଜରେ ପହଞ୍ଚିବେ ବୋଲି ସୂଚନା ରହିଛି। ଘଟଣାର ତଦନ୍ତ ପାଇଁ ଏକ ତିନି ସଦସ୍ୟ ବିଶିଷ୍ଟ କମିସନ ଗଠନ କରାଯାଇଛି।ପ୍ରୟାଗରାଜ୍ ?: ମହାକୁମ୍ଭ ଦଳାଚକଟା ତଦନ୍ତ ସମ୍ପର୍କରେ ଏକ ପ୍ରମୁଖ ସୂଚନା ହସ୍ତଗତ ହୋଇଛି। ନ୍ୟାୟିକ ତଦନ୍ତ କମିସନ ଆଜି ପ୍ରୟାଗରାଜରେ ପହଞ୍ଚିବେ ବୋଲି ସୂଚନା ରହିଛି। ଘଟଣାର ତଦନ୍ତ ପାଇଁ ଏକ ତିନି ସଦସ୍ୟ ବିଶିଷ୍ଟ କମିସନ ଗଠନ କରାଯାଇଛି। ଆହ୍ଲାବାଦ ହାଇକୋର୍ଟର ପୂର୍ବତନ ବିଚାରପତି ହର୍ଷ କୁମାରଙ୍କ ନେତୃତ୍ୱରେ ଏହି କମିସନର ସଦସ୍ୟ ତଦନ୍ତ କରିବେ। ପୂର୍ବତନ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ଭିକେ ଗୁପ୍ତା ଏବଂ ପୂର୍ବତନ ଆଇଏଏସ୍ ଅଧିକାରୀ ଡିକେ ସିଂହ କମିସନର ସଦସ୍ୟ ରହିଛନ୍ତି। କମିସନର ଗଠନ ତଦନ୍ତର ଗମ୍ଭୀରତାକୁ ଉନ୍ମୋଚନ କରୁଛି। କମିସନ ମହାକୁମ୍ଭ ସମୟରେ ଘଟିଥିବା ଘଟଣାଗୁଡ଼ିକର



ତଦନ୍ତ ଆରମ୍ଭ କରିବାକୁ ପ୍ରସ୍ତୁତ, ଯାହା ପୀଡିତଙ୍କୁ ନ୍ୟାୟ ପ୍ରଦାନ କରିବ। ଉଲ୍ଲେଖଯୋଗ୍ୟ, ମୌନୀ ଅମାବାସ୍ୟା ଦିନ ପ୍ରୟାଗରାଜ୍ ?ରେ ବଡ଼ ଧରଣର ଦଳାଚକଟା ଘଟିଥିଲା । କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା, ଏହାର ଯାଞ୍ଚ କରିବ ଟିମ । ତେବେ ଏକମାସ ଭିତରେ ରିପୋର୍ଟ ପ୍ରଦାନ କରିବେ ଟିମ । ଅନ୍ୟପଟେ ମହାକୁମ୍ଭ ମେଳାରେ ପୁଣି ଥରେ ଯେପରି କୌଣସି ଅଘଟଣ ନଘଟେ ଏନେଇ ସତର୍କ ହୋଇଛନ୍ତି ଉତ୍ତରପ୍ରଦେଶ ସରକାର । ଏପରିକି ଭିଆଇପି ପ୍ରୋଟୋକଲକୁ ହଟାଇବା ସହ ଯାନବାହାନ ଚଳାଚଳ ଉପରେ ମଧ୍ୟ ନିୟମକୁ ଅଧିକ ଶକ୍ତ କରାଯାଇଛି । ରବିବାର ମହାକୁମ୍ଭରେ ତୃତୀୟ ସାହି ସ୍ନାନ । ଏହାକୁ ଦୃଷ୍ଟିରେ ରଖି ୧,୨ ଓ ୩ ତାରିଖରେ ଯାନବାହାନ ପ୍ରବେଶ କଟକଣା ରହିଛି ।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବଜେଟ୍-୨୦୨୫-୨୬...

କରିବାକୁ ବଜେଟରେ ବ୍ୟବସ୍ଥା କରାଯାଇଛି । ତେବେ ଆଗାମୀ ସପ୍ତାହରେ ଆସିବ ନୂଆ ଆୟକର ବିଲ୍ । ବଜେଟରେ ବଡ଼ ଘୋଷଣା କରିଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ । ଆସନ୍ତା ସପ୍ତାହରେ ଆସିବ ନୂଆ ଆୟକର ଆଇନ୍ । ମିଳିଥିବା ସୂଚନା ମୁତାବକ, ନୂଆ ଆୟକର ଆଇନରେ ନିୟମ ସରଳ ଭାଷାରେ ଲେଖାଯିବା ସହିତ ସାଧାରଣ ଲୋକମାନେ ଯେଭଳି ଏହାକୁ ବୁଝିପାରିବେ, ସେନେଇ ବ୍ୟବସ୍ଥା କରାଯିବ । ଏହାସହ ଅନାବଶ୍ୟକ ଏବଂ ଅପ୍ରଚଳିତ ନିୟମକୁ ହଟାଯିବ । ଏହାସହ କର ବିବାଦକୁ ମଧ୍ୟ କମ କରାଯିବ । ଏହାପାଇଁ ପାଖାପାଖି ୬୫୦୦ ମତାମତ ଗ୍ରହଣ କରାଯାଇଛି ବୋଲି ସୂଚନା ରହିଛି ।

**୧୨ଗୋଟି ବଡ ଘୋଷଣା**
-ଭାରତ ହେବ ଖେଳନା ତିଆରିର ବିଶ୍ୱସ୍ତରୀୟ କେନ୍ଦ୍ର
-ଖେଳନା ପାଇଁ ଆରମ୍ଭ ହେବ ବଡ ଯୋଜନା
-ଉଡାଣ ଯୋଜନାରେ ଉପକୃତ ହେବେ ଦେଢ କୋଟି ଲୋକ
-୧୦ ବର୍ଷରେ ତିଆରି ହେବ ୧୨୦ ବିମାନବନ୍ଦର
-ପାହାଡି ଇଲାକାରେ ନିର୍ମାଣ ହେବ ହେଲିପ୍ୟାଡ଼ ଓ ବିମାନବନ୍ଦର
-ଡିଜିଟାଲ ଶିକ୍ଷାକୁ ଗୁରୁତ୍ୱ, ସବୁ ସରକାରୀ ମାଧ୍ୟମିକ ସ୍କୁଲରେ ବ୍ରଡବ୍ୟାଣ୍ଡ ବ୍ୟବସ୍ଥା
-ଏଆଇ ଶିକ୍ଷାକୁ ଗୁରୁତ୍ୱ, ୫୦୦ କୋଟିର ବ୍ୟୟବରାଦ
-୨୦୨୮ ମସିହା ଯାଏଁ ବଢିଲା ଜଳ ଜୀବନ ମିଶନ
-ଆଗାମୀ ସପ୍ତାହରେ ଆସିବ ନୂଆ ଆୟକର ବିଲ୍
-କିଷାନ କ୍ରେଡିଟ୍ କାର୍ଡରେ ବଢିଲା ଋଣ ପରିମାଣ
-୩ ଲକ୍ଷ ଟଙ୍କାରୁ ବଢି ହେଲା ୫ ଲକ୍ଷ ଟଙ୍କା
-ଡାଲି ଉତ୍ପାଦନରେ ଭାରତ ହେବ ଆତ୍ମନିର୍ଭର

## ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍...

ଶିଳ୍ପପତି ସାମିଲ ହୋଇଛନ୍ତି । ଇତିହାସ ସାକ୍ଷୀ ଅଛି ଗ୍ଲୋବାଲ ଗ୍ରୋଥରେ ଯେତେବେଳେ ଭାରତର ଅଂଶ ରହିଥିଲା ସେତେବେଳେ ପୂର୍ବ ଭାରତର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ପୂର୍ବ ଭାରତରେ ଦେଶର ବଡ଼ବଡ଼ ଇଣ୍ଡଷ୍ଟ୍ରିଆଲ ହବ୍ ଥିଲା । ଏହି ଅବସରରେ ପ୍ରଧାନମନ୍ତ୍ରୀ ନିଜ ଅଭିଭାଷଣ ରଖି କହିଥିଲେ ଯେ, ଓଡିଶା ଦକ୍ଷିଣ-ପୂର୍ବ ଏସିଆରେ ହେବାକୁ ଥିବା ଟ୍ରେଡର ପ୍ରମୁଖ କେନ୍ଦ୍ର ଥିଲା । ଏହାର ପ୍ରାଚୀନ ପୋର୍ଟ ଭାରତର ଗେଟୱେ ଥିଲା । କଟକର ଐତିହାସିକ ବାଲିଯାତ୍ରା କଥା ଉଠାଇଛନ୍ତି ପ୍ରଧାନମନ୍ତ୍ରୀ । ଓଡିଶାରେ ଏହା ସବୁଠାରୁ ବଡ ବ୍ୟବସାୟିକ ଫେଷ୍ଟିଭାଲ ବୋଲି ବି କହିଛନ୍ତି । ସିଙ୍ଗାପୁର ଓଡିଶା ସହ ସମ୍ପର୍କକୁ ନେଇ ବହୁତ ଉତ୍ସାହିତ । ଆଜି ଏହି କ୍ଷେତ୍ରରେ ସମ୍ଭାବନାର ଏତେ ଦ୍ୱାର ଖୋଲିଛି, ଯାହା ସ୍ୱାଧୀନତା ପରେ କେବେ ଖୋଲିନଥିଲା । ଆଜି ଏଠାରେ ଥିବା ସମସ୍ତ ନିବେଶକଙ୍କୁ ମୁଁ ଆହ୍ୱାନ କରୁଛି । ଏହି ସମୟ ଅଛି ଆଉ ଏହା ସଠିକ ସମୟ ଅଛି । ଓଡିଶାର ଏହି ବିକାଶ ଯାତ୍ରାରେ ଆପଣଙ୍କ ନିବେଶ ଆପଣଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇବ ବୋଲି ପ୍ରଧାନମନ୍ତ୍ରୀ ନିଜର ଭାଷଣରେ କହିଛନ୍ତି ।

## ଗାନ୍ଧୀମାର୍ଗରେ ଉଡିଲା...

ଚଳିତବର୍ଷ ସାଧାରଣତନ୍ତ୍ର ଦିବସରେ ୪୯ଟି ଦଳ ସାମିଲ ହୋଇଥିଲେ । ସେଥିରୁ ୨୦ଟି ସାମରିକ ଏବଂ ଅର୍ଦ୍ଧ ସାମରିକ ବାହିନୀ ରହିଛନ୍ତି । ୨୯ଟି କଣ୍ଟିଜେଣ୍ଟରେ ସ୍କୁଲ ଏବଂ କଲେଜ ଛାତ୍ରଙ୍କ ଏନସିସି, ସ୍କାଉଟ୍ , ଗାଇଡ୍ ସହ ଡେୟାର ଡେଭିଲ୍ ସାମିଲ ହୋଇଥିଲେ । ଏହି ଅବସରରେ ଆଜି କିଛି ବିଶିଷ୍ଟ ପୁଲିସ୍ ଅଧିକାରୀଙ୍କୁ ପୁଲିସ୍ ମେଡାଲ ପ୍ରଦାନ କରାଯାଇଛି ।

## ଭାରତ ବିଶ୍ୱରେ ଏକ କ୍ରିୟାଶୀଳ ପ୍ରଜାତନ୍ତ୍ର ଭାବରେ

ସାମାଜିକ ସୁରକ୍ଷା ଯୋଜନା ରେ ୮୦ ବର୍ଷ ରୁ ଉର୍ଦ୍ଧ୍ୱ ବୟସ୍କ ଓ ୮୦ ଭାଗରୁ ଅଧିକ ଥିବା ଭିନ୍ନକ୍ଷମ ଙ୍କୁ ସହାୟତା ରାଶି ୧୨୦୦ ରୁ ୩୫୦୦ ଟଙ୍କା କୁ ବୃଦ୍ଧି କରାଯାଇଛି ।ରାଜ୍ୟ ରେ ଜାତୀୟ ଶିକ୍ଷା ନିତି ଲାଗୁ କରାଯାଇଛି ।ସହିଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା ରେ ଜନଜାତି ଛାତ୍ରଛାତ୍ରୀ ମାନଙ୍କ ପାଇଁ ବାର୍ଷିକ ୫ ହଜାର ଟଙ୍କାର ବ୍ୟବସ୍ଥା କରାଯାଇଛି ।୧୮ ତମ ପ୍ରବାସୀ ଭାରତୀୟ ଦିବସ ସଫଳ ଭାବେ ରାଜ୍ୟ ଆୟୋଜନ କରିଛି ।ଚଳିତ ମାସ ୨୮ ଓ ୨୯ ତାରିଖରେ ଓଡ଼ିଶାକୁ ଶିଳ୍ପର ହବ କରିବାକୁ ଉତ୍କର୍ଷ ଓଡ଼ିଶାର ଆୟୋଜନ କରାଯାଇଛି ବୋଲି ଶ୍ରୀ ସିଂହ ଦେଓ କହିବା ସହ ମିଳିମିଶି ଓଡ଼ିଶା କୁ ସର୍ବଶ୍ରେଷ୍ଠ ରାଜ୍ୟ ରେ ପରିଣତ କରିବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ମୁଖ୍ୟ ଅତିଥି ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପାଇଁ ୧୭ ଜଣ ଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ବ୍ୟକ୍ତି ଓ ଅନୁଷ୍ଠାନକୁ ଉପ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ ।ସେହିପରି ପ୍ୟାରେଡ୍ ରେ ସିନିୟର ଡିଭିଜନ ଏନସିସିରେ ଏସ ସି ଏସ କଲେଜ, ଜୁନିୟର ଏନସିସିର ପୋଲିସ ହାଇସ୍କୁଲ ଓ ବିଶ୍ୱମ୍ଭର ବିଦ୍ୟାପୀଠ, ସ୍କାଉଟରେ ଭୋଳାନାଥ ବିଦ୍ୟାପୀଠ ଗାଇଡରେ ବ୍ଲେସ୍ଡ ସାକ୍ରାମେଣ୍ଟ ହାଇସ୍କୁଲ, ସିଭିଲିଆନରେ ଘନଶ୍ୟାମ ହେମଲତା ବିଦ୍ୟା ମନ୍ଦିର ଓ ବ୍ଲେସଡ ସାକ୍ରାମେଣ୍ଟ ହାଇସ୍କୁଲ ଓ ଶୃଙ୍ଖଳାରେ ସରକାରୀ ମହିଳା ମହାବିଦ୍ୟାଳୟ ଏନ ସି ସି ଦଳଙ୍କୁ ପୁରସ୍କୃତ କରାଯାଇଥିଲା ।ଏହି ଅବସରରେ ବିଭିନ୍ନ ବିଭାଗର ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ କରାଯାଇଥିଲା ।ପରେ ମୁଖ୍ୟ ଅତିଥି ଉତ୍କଳ ବାଳାଶ୍ରମର ଅନ୍ତେବାସୀ ଙ୍କୁ ମିଷ୍ଟାନ୍ନ ଓ ପୋଷାକ, ମୁଖ୍ୟ ଚିକିତ୍ସାଳୟ ର ରୋଗୀ ମାନଙ୍କୁ ଫଳ ବଣ୍ଟନ କରିଥିଲେ ।ଗୋପବନ୍ଧୁ ଆୟୁର୍ବେଦିକ କଲେଜ ପରିସରରେ ରେଡକ୍ରସ ଶାଖା, ଭାରତ ବିକାଶ ପରିଷଦ, ବଡଶଙ୍ଖ ଯୁବ ସାଂସ୍କୃତିକ ପରିଷଦ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିର କୁ ମୁଖ୍ୟ ଅତିଥି ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମ ରେ ଜିଲ୍ଲା ପରିଷଦ ସଭାପତି ସ୍ୱାପ୍ନାରାଣୀ ସ୍ୱାଇଁ,ଏସ ପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡଃ ଶରତ ଚନ୍ଦ୍ର ମହାପାତ୍ର,ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା,ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପଜିଲ୍ଲାପାଳ ରାଜ କିଶୋର ଜେନା, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସିଡିଏମଓ ଡା ରୂପ ଭାନୁ ମିଶ୍ର,ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।ପ୍ରତ୍ୟୁଷରୁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସହର ମଧ୍ୟରେ ଡାକବାଜି ଯନ୍ତ୍ର ମାଧ୍ୟମରେ ରାମଧୂନ ପରିବେଷଣ କରାଯାଇଥିଲା ।ଗାନ୍ଧୀ ଘାଟ ଠାରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ ସହ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା ।ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଓ ବିଭାଗର ସମସ୍ତ କର୍ମଚାରୀ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

# ୭୬ତମ ସାଧାରଣତନ୍ତ୍ର ଦିବସ ପାଇଁ ରାଷ୍ଟ୍ରପତିଙ୍କ ଉଦ୍‌ବୋଧନ



**ନୂଆଦିଲ୍ଲୀ:** ୭୬ତମ ସାଧାରଣତନ୍ତ୍ର ଦିବସ ଅବ୍ୟବହିତ ପୂର୍ବରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ସନ୍ଧ୍ୟାରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇଛନ୍ତି । ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ କହିଛନ୍ତି, ଭାରତୀୟ ଭାବରେ ଆମର ସାମୂହିକ ପରିଚୟର ଏକ ସର୍ବୋଚ୍ଚ ଭିତ୍ତିଭୂମି ଆମ ସମ୍ବିଧାନ ପ୍ରଦାନ କରିଥାଏ । ଏହା ଆମକୁ ଏକ ପରିବାର ଭାବରେ ଏକାଠି କରିଥାଏ । ନ୍ୟାୟ, ସ୍ୱାଧୀନତା, ସମାନତା ଓ ଭାଇଚାରା ସର୍ବଦା ଭାରତୀୟ ସଭ୍ୟତା ଓ ଐତିହ୍ୟର ଏକ ଅଂଶ ହୋଇ ଆସିଛି ବୋଲି ରାଷ୍ଟ୍ରପତି କହିଛନ୍ତି । ସମ୍ବିଧାନ ଏବେ ଜୀବନ୍ତ ଦସ୍ତାବିଜ ପାଲଟିଛି କାରଣ ଆମ ନାଗରିକଙ୍କ ସଦ୍‌ଗୁଣଗୁଡ଼ିକ ହଜାର ହଜାର ବର୍ଷ ଧରି ଆମର ନୈତିକ ସଂସ୍କୃତିର ଅଂଶ ହୋଇଛି । ବିଗତ ୭୫ ବର୍ଷ ମଧ୍ୟରେ ସମ୍ବିଧାନ ଆମ ପ୍ରଗତିର ମାର୍ଗ ପ୍ରଶସ୍ତ କରିଛି । ଆଜି ଆମେ ସମ୍ବିଧାନ ଚିଠା କମିଟିର ଅଧ୍ୟକ୍ଷ ଡକ୍ଟର ଭୀମରାଓ ଆମ୍ବେଦକର ଏବଂ ଅନ୍ୟ ସଦସ୍ୟମାନଙ୍କୁ କୃତଜ୍ଞତା ଜଣାଉଛୁ, ଯେଉଁମାନଙ୍କ ପ୍ରୟାସ ଆମକୁ ସମ୍ବିଧାନ ଦେଇଛି । ସମ୍ବିଧାନ କାର୍ଯ୍ୟକାରୀ ହେବାର ଏହି ୭୫ ବର୍ଷ ଆମବର୍ଗ ଯୁବ ଗଣତନ୍ତ୍ରର ସର୍ବାଙ୍ଗୀନ ପ୍ରଗତିର ସାଥୀ ବୋଲି ରାଷ୍ଟ୍ରପତି କହିଛନ୍ତି । ସରକାର ବିକାଶ ଓ କଲ୍ୟାଣର ଧାରଣାକୁ ପୁନଃବ୍ୟାଖ୍ୟା କରିଛନ୍ତି ଏବଂ ମୌଳିକ ଆବଶ୍ୟକତାକୁ ଅଧିକାରର ବିଷୟ କରି ନାଗରିକଙ୍କୁ ଉପକୃତ କରୁଛନ୍ତି ବୋଲି ସେ କହିଛନ୍ତି ।

## କଟକରେ ପତାକା ଉତ୍ତୋଳନ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ



କଟକ: ୭୬ତମ ସାଧାରଣତନ୍ତ୍ର ଦିବସ । କଟକରେ ଥିବା ବିଡାନାସୀ ମିନି ଷ୍ଟାଡିୟମରେ ପତାକା ଉତ୍ତୋଳନ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଛନ୍ତି ଦେଶ ପାଇଁ ଜୀବନକୁ ଉତ୍ସର୍ଗ କରିଥିବା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳୀ ଜଣାଉଛି । ଆଜିର ଦିନରେ ମହାନ ଜନନାୟକଙ୍କୁ ମନେ ପକାଇବା ପରମ ସୁଯୋଗ । ଦେଶର ଅଖଣ୍ଡତା ବଜାୟ ରଖିବା ସହ ସୁଶାସନ ଯୋଗାଇବା ଆମର ପରମ ଲକ୍ଷ୍ୟ । ଦେଶର ଗଣତନ୍ତ୍ର ବଜାୟ ରଖିବାରେ କୋଟି କୋଟି ଜନତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ନୀରବିଚ୍ଛିନ୍ନ ଭାବେ ଗଣତନ୍ତ୍ରକୁ ବଜାୟ ରଖିବା ସହ ଦେଶର ଅଗ୍ରଗତି ହେଉଛି । ଖୁବ୍ ଶୀଘ୍ର ଆମ ଦେଶ ତୃତୀୟ ଶ୍ରେଷ୍ଠ ଅର୍ଥନୀତି ହେବାକୁ ଯାଉଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ । ୧୪୦ କୋଟି ଭାରତୀୟଙ୍କ ଜୀବନଯାପନ ପ୍ରଣାଳୀରେ ପରିବର୍ତ୍ତନ ଆସିଛି । ଲୋକଙ୍କୁ ଶିକ୍ଷା , ସ୍ୱାସ୍ଥ୍ୟ ଭଳି ମୌଳିକ ଅଧିକାର ଯୋଗାଇବାକୁ ସରକାର ପ୍ରତିଶ୍ରୁତିବଦ୍ଧ । ରାଜ୍ୟରେ ଶିକ୍ଷାକ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ହେବାକୁ ଯାଉଛି ।

# କଳା, ସାହିତ୍ୟ ଓ ଚିକିତ୍ସା କ୍ଷେତ୍ରରେ ଅବଦାନ ପାଇଁ ଓଡ଼ିଶାରୁ ୪ ଜଣଙ୍କୁ 'ପଦ୍ମଶ୍ରୀ'



ପ୍ରତିଭା ଶତପଥୀ | ଡା. ଅଶୋକ ମହାପାତ୍ର | ଅଦ୍ୱୈତ ଗଡ଼ନାୟକ | ଗୁରୁ ଦୁର୍ଗା ରଣବୀର

ଭାରତ ସରକାରଙ୍କ ଗୃହ ମନ୍ତ୍ରାଳୟ ପକ୍ଷରୁ ଶନିବାର ସନ୍ଧ୍ୟାରେ ପଦ୍ମ ପୁରସ୍କାର ଘୋଷଣା କରାଯାଇଛି । କଳା, ସମାଜସେବା, ଚିକିତ୍ସା, ଶିଳ୍ପ, ସାହିତ୍ୟ, କୀଡ଼ା ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମୋଟ୍ ୧୩୯ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଭାରତ ସରକାର ପଦ୍ମ ପୁରସ୍କାରରେ ସମ୍ମାନିତ କରିବେ ।ଗୃହ ମନ୍ତ୍ରାଳୟ ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତି ଅନୁସାରେ କଳା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ଅଦ୍ୱୈତ ଚରଣ ଗଡ଼ନାୟକ, ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଡା. ଅଶୋକ କୁମାର ମହାପାତ୍ର, କଳା ପାଇଁ ଦୁର୍ଗାଚରଣ ରଣବୀର ଓ ସାହିତ୍ୟ ଏବଂ ଶିକ୍ଷା ପାଇଁ ପ୍ରତିଭା ଶତପଥୀଙ୍କୁ ପଦ୍ମଶ୍ରୀ ପାଇଁ ମନୋନୀତ କରାଯାଇଛି ।

ଅଦ୍ୱୈତ ଚରଣ ଗଡ଼ନାୟକ: ମୂର୍ତ୍ତି ନିର୍ମାଣ ପାଇଁ ବିଖ୍ୟାତ ଅଦ୍ୱୈତ ଚରଣ ଗଡ଼ନାୟକ ଢେଙ୍କାନାଳ ଜିଲ୍ଲା ନେଉଳାପୋଇ ଗାଁରେ ଜନ୍ମଗ୍ରହଣ କରିଥିଲେ । ସେ ଭୁବନେଶ୍ୱରସ୍ଥିତ ବିକେ କଲେଜ୍ ଅଫ୍ ଆର୍ଟସ ଆଣ୍ଡ କ୍ରାଫ୍‌ଟରୁ ସ୍ନାତକ ଶିକ୍ଷା ପ୍ରାପ୍ତ କରିଥିଲେ । ନୂଆଦିଲ୍ଲୀସ୍ଥିତ କଲେଜ୍ ଅଫ୍ ଆର୍ଟରୁ ସ୍ନାତକୋତ୍ତର ଡିଗ୍ରି ହାସଲ କରିଥିଲେ । ଇଣ୍ଡିଆ ଗେଟ୍ ନିକଟରେ ନେତାଜୀ ସୁଭାଷ ବୋଷ, ନୂଆଦିଲ୍ଲୀର ରାଜଘାଟରେ ସ୍ଥାପିତ 'ଦାଣ୍ଡି ଯାତ୍ରା'ର କଳାକୃତି ପ୍ରଶଂସନୀୟ ହୋଇପାରିଛି ।

ଦୁର୍ଗାଚରଣ ରଣବୀର: ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ସଫଳତା ହାସଲ କରିଥିବା ବ୍ୟକ୍ତି ବିଶେଷମାନଙ୍କ ମଧ୍ୟରୁ ଦୁର୍ଗାଚରଣ ରଣବୀର ହେଉଛନ୍ତି ଅନ୍ୟତମ । ଶିକ୍ଷକ ଭାବେ ତାଙ୍କ ପାଖରେ ଦୀର୍ଘ ୨ ଦଶନ୍ଧିରୁ ଅଧିକ ସମୟର ଅଭିଜ୍ଞତା ରହିଛି । ସେ ହେଉଛନ୍ତି ଗୁରୁ ଦେବ ପ୍ରସାଦ ଦାସଙ୍କର ଶିଷ୍ୟ । ସେ ଭୁବନେଶ୍ୱର, କଟକ, ନୂଆଦିଲ୍ଲୀ ଓ ଆମେରିକାରେ ଶିକ୍ଷାଦାନ କରିଛନ୍ତି । ଭୁବନେଶ୍ୱରରେ ତାଙ୍କର ଏକ ପ୍ରତିଷ୍ଠାନ ପରିଚାଳିତ ହେଉଛି । ତାଙ୍କର ଶିଷ୍ୟମାନେ ଭାରତ ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ଛାତ୍ରବୃତ୍ତି ପାଉଛନ୍ତି ।

ପ୍ରତିଭା ଶତପଥୀ: କେନ୍ଦ୍ର ସାହିତ୍ୟ ପୁରସ୍କାରପ୍ରାପ୍ତ ପ୍ରତିଭା ଶତପଥୀ ସାହିତ୍ୟ କ୍ଷେତ୍ରରେ ଏକ ଉଜ୍ଜ୍ୱଳ ତାରକା । ସେ ୧୯୪୫ ମସିହା ନଭେମ୍ବର ୨୭ ତାରିଖରେ ଜନ୍ମଗ୍ରହଣ କରିଥିଲେ । ୧୯୬୨ ମସିହାରେ ତାଙ୍କର ପ୍ରଥମ କବିତା ସଂକଳନ 'ଆମ କବିତା' ପ୍ରକାଶ ପାଇଥିଲା । ସେବେ ଠାରୁ ତାଙ୍କର ଅନେକ ଗୁଡ଼ିଏ କବିତା ସଂକଳନ ପ୍ରକାଶିତ ହୋଇଛି । ତାଙ୍କର ପୁସ୍ତକ ହିନ୍ଦୀ ଓ ଇଂରାଜୀରେ ମଧ୍ୟ ଅନୁବାଦ ହୋଇଛି । ଜାତୀୟ ଓ ଆଞ୍ଚଳିକ ସ୍ତରରେ ତାଙ୍କୁ ଅନେକ ପୁରସ୍କାର ମିଳିଛି ।

ପ୍ରଫେସର (ଡା.) ଅଶୋକ କୁମାର ମହାପାତ୍ର: ଚିକିତ୍ସା ଦୁନିଆରେ ଡା. ଅଶୋକ କୁମାର ମହାପାତ୍ର ଏକ ଜଣାଶୁଣା ନାମ । ସେ ଶ୍ରୀକ୍ଷେତ୍ର ପୁରୀ ନିକଟ ବ୍ରାହ୍ମଣ ଶାସନରେ ୧୯୫୨ ମସିହା ଡିସେମ୍ବର ୨୯ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ସେ ସରଳ ଜୀବନଯାପନକୁ ଭଲ ପାଆନ୍ତି । ବ୍ରହ୍ମପୁରସ୍ଥିତ ଏମ୍‌କେସିଜିରୁ ୧୯୭୫ରେ ଏମବିବିଏସ୍‌ରେ ଉତ୍ତୀର୍ଣ୍ଣ ହୋଇଥିଲେ । ୧୯୮୩ରୁ ୨୦୧୭ ଯାଏଁ ସେ ଦିଲ୍ଲୀ ଏମ୍ସରେ ବିଭିନ୍ନ ପଦବଦବିରେ କାମ କରିଥିଲେ ।

## ମହାକୁମ୍ଭରେ ସାଧାରଣତନ୍ତ୍ର ଦିବସ ପାଳନ



ଦେବଭୂମି ପ୍ରୟାଗରାଜରେ ଆନନ୍ଦ ଉଲ୍ଲାସର ସହ ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି । ବିଶ୍ୱାସ ଓ ଭକ୍ତିର ଏହି ଅନନ୍ୟ ମେଳାରେ ସଙ୍ଗମରେ ବୁଡ ପକାଇବା ପାଇଁ ଶହ ଶହ ଶ୍ରଦ୍ଧାଳୁ ଏକତ୍ରିତ ହୋଇଥିଲେ । ତେବେ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ମହାକୁମ୍ଭ ଯାତ୍ରା ପଡିଆ ଓ ଆଖଡାରେ ଜାତୀୟତାବୋଧ ଛାଇଯାଇଥିଲା । ସାଧୁ ସନ୍ଥଙ୍କ ଆଖଡା, ଶ୍ରଦ୍ଧାଳୁଙ୍କ କ୍ୟାମ୍ପ, ବିଭିନ୍ନ ସରକାରୀ ଅସ୍ଥାୟୀ ଶିବିରରେ ଜାତୀୟ ପତାକା ଉତୋଳନ ଉତ୍ସବ ପାଳିତ ହୋଇଥିଲା । ସାଧାରଣତନ୍ତ୍ର ଦିବସରେ ମହାକୁମ୍ଭରେ ବରିଷ୍ଠମାନଙ୍କ ଯୋଗଦାନ ଏହାକୁ ଅଧିକ ଉଜ୍ଜ୍ୱଳିତ କରିଥିଲା । ସ୍ୱତନ୍ତ୍ର କ୍ୟାମ୍ପ ଓ ବୃଦ୍ଧାଶ୍ରମରେ ବି ଅନୁରୂପ ଆୟୋଜନ କରାଯାଇଥିଲା । ସଙ୍ଗମରେ ବୁଡ ପକାଇ ଏହି ଅସ୍ଥାୟୀ ଶିବିରରେ ବରିଷ୍ଠ ନାଗରିକମାନେ ଆରାମ କରିବା ପାଇଁ ବ୍ୟବସ୍ଥା କରାଯାଇଥିଲା । ମହାକୁମ୍ଭର ପଡିଥିବା ସାମାଜିକ ସଶକ୍ତିକରଣ କ୍ୟାମ୍ପରେ ଏକ ଅନନ୍ୟ କଥା ଦୃଷ୍ଟି ଗୋଚର ହୋଇଥିଲା । ମୀର୍ଜାପୁର ବୃଦ୍ଧାଶ୍ରମରୁ ଆସିଥିବା ୭୦ ବର୍ଷୀୟ ଜନୈକ ମୁନ୍ନି ଦେବୀ ପତାକା ଉତୋଳନ କରିଥିଲେ ।

## ରାଜ ଭବନେର ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ

**ଭୁବନେଶ୍ୱର:** ରାଜଭବନେର ୭୬ତମ ସାଧାରଣତନ୍ତ୍ର ଦିବସ ମହାସମାରୋହେର ପାଳିତ ହୋଇଯାଇଛି । ତା୨୬.୦୧.୨୦୨୫ରିଖ ସକାଳ ୮ଘଟିକା ସମୟେର ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମେର ସ୍ଥାନୀୟ ରାଜଭବନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଆନନ୍ଦ ଉଲ୍ଲାସର ସହ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମେର ରାଜଭବନର ଅଧିକାରୀ ଓ କର୍ମଚାରୀମାନେ ଯୋଗେଦଇଥିଲେ ।



## ପଦ୍ମବେଶରେ ଦର୍ଶନ ଦେଲେ ମହାପ୍ରଭୁ



**ପୁରୀ:** ଫେବ୍ରୁଆରି ୧ ତାରିଖ ଶନିବାର ମହାପ୍ରଭୁଙ୍କ ଦୁର୍ଲ୍ଲଭ ପଦ୍ମବେଶ । ଏଥର କଳାଘୋଡ଼ ସହ ପଦ୍ମଫୁଲରେ ସଜ୍ଜିତ ହେବେ କାଳିଆ ସାଆନ୍ତ । ବଡ଼ଭାଇ ଶ୍ରୀବଳଭଦ୍ର ଓ ଭଗିନୀ ସୁଭଦ୍ରା ବି ଏହି ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି । ବେଶ କାରିଗରମାନେ ବଡ଼ଛତା ମଠ ପକ୍ଷରୁ ପ୍ରଦତ୍ତ ବେଶ ସାମଗ୍ରୀରେ ଏକ ମାସ ଧରି ଶୁଦ୍ଧପୁତ ଭାବେ ପଦ୍ମବେଶ ପ୍ରସ୍ତୁତି କରିଥାନ୍ତି । ମାସକର ଅକ୍ଳାନ୍ତ ପରିଶ୍ରମ ପରେ ଏବେ ଏହି ବେଶକୁ ଶେଷ ସ୍ପର୍ଶ ଦିଆଯାଉଛି । ଏ ଭିତରେ ଶ୍ରୀଜିଉଙ୍କ ଶ୍ରୀମୁଖ ପଦ୍ମ, ଡାଳି, ସିଂହାସନ ସହ ଗଛ, ଶ୍ରୀହସ୍ତ ପଦ୍ମ କଡ଼, ହଂସ, କରପଲ୍ଲବ ମାଳ, ପଦ୍ମଫୁଲ, ଚୁଳ କାମ ଶେଷ କରି ପ୍ରଭୁଙ୍କ ସେବା ଲାଗି ସମର୍ପଣ କରାଯାଇଥା । ଶହ ଶହ ବର୍ଷ ଧରି ବଡ଼ଛତା ମଠ ପକ୍ଷରୁ ନିଜସ୍ୱ ଖର୍ଚ୍ଚରେ ମହାପ୍ରଭୁଙ୍କ ଏହି ବେଶ ପ୍ରସ୍ତୁତ କରାଯାଉଛି । ବେଶ ପ୍ରସ୍ତୁତି ଶେଷ ପରେ ବଡ଼ଛତା ମଠ ପକ୍ଷରୁ ଏହାକୁ ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରିବ । ଚଳିତବର୍ଷ ୬ ଜଣ କାରିଗର ଏହି ବେଶ ପ୍ରସ୍ତୁତିରେ ଲାଗିଛନ୍ତି । ଶ୍ରୀମନ୍ଦିର ଦୟଣାମାଳି ସେବକ ବସନ୍ତ କୁମାର ରଣାଙ୍କ ନେତୃତ୍ୱରେ ସୋଳ କାରିଗର, ଦର୍ଜି କାରିଗରମାନେ ଏହି ବେଶ ପ୍ରସ୍ତୁତ କରୁଛନ୍ତି । ମୁଖ୍ୟ ବେଶ କାରିଗର ଶ୍ରୀ ରଣା କହିଛନ୍ତି, ପ୍ରତିବର୍ଷ ଭଳି ଚଳିତ ବର୍ଷ ପଣ୍ଡୁ ପୂର୍ଣ୍ଣିମାରେ ମହାପ୍ରଭୁଙ୍କ ପଦ୍ମବେଶ ପ୍ରସ୍ତୁତି କାର୍ଯ୍ୟ ଅନୁକୂଳ ହୋଇଥିଲା । ସେବେଠୁ କାରିଗରମାନେ ଶୁଭ୍ର ବସ୍ତ୍ର ପରିଧାନପୂର୍ବକ ନିଷ୍ଠାର ସହ ଏହି ବେଶ ପ୍ରସ୍ତୁତ କରୁଛନ୍ତି । ପରମ୍ପରା ଅନୁଯାୟୀ, ଆସନ୍ତା ୨ ତାରିଖ ପଦ୍ମବେଶ ଦିନ ସଂଧ୍ୟା ଆଳତି ପରେ ବଡ଼ଛତା ମଠରୁ ଏହି ବେଶ ଶ୍ରୀମନ୍ଦିରକୁ ବିଜେ କରିବ । ମଠର ସାଧୁସନ୍ଥ, ବାବାଜୀମାନେ ଅନ୍ଧାରରେ ଘଣ୍ଟି, ଦୁହୁଡ଼ି ସହ ଏହି ବେଶକୁ ଶ୍ରୀମନ୍ଦିରକୁ ନେବେ । ଶ୍ରୀମୁଖ ବଳା ପାଇଁ ମଠରୁ ତୁଳସୀ ମାଳ, ଗେଣ୍ଡୁ ଫୁଲ ମାଳ ବି ଶ୍ରୀମନ୍ଦିର ଯାଇଥାଏ । ସେହିଦିନ ରାତିରେ ଅର୍ଥାତ୍ ବଡ଼ସିଂହାର ବେଶରେ ମହାପ୍ରଭୁଙ୍କ ଏହି ବେଶ ସହ ତୁଳସୀ ମାଳ, ଗେଣ୍ଡୁ ମାଳ ଆଦି ଲାଗି କରାଯିବ ।

## କମ୍ପ୍ୟୁଟର ସହାୟତାରେ ବ୍ୟକ୍ତିଗତ ସାକ୍ଷାତକାର ପ୍ରଶିକ୍ଷଣ ଶିବିର



ଭୁବନେଶ୍ୱର: ଓଡ଼ିଶା ସରକାରଙ୍କ ଯୋଜନା ଓ ସଂଯୋଜନ ବିଭାଗ ଅଧିନସ୍ଥ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ (ଡିଇଏସ) ପକ୍ଷରୁ ବିଶ୍ୱବ୍ୟାଙ୍କ ସହଯୋଗରେ ପରିସଂଖ୍ୟାନ ତଥ୍ୟ ସଂଗ୍ରହ ଓ ବୈଧତା କ୍ଷେତ୍ରରେ କମ୍ପ୍ୟୁଟର ସହାୟତାରେ ବ୍ୟକ୍ତିଗତ ସାକ୍ଷାତକାର (ସିଏପିଆଇ) ଆପ୍ଲିକେସନ୍ ପ୍ରସ୍ତୁତି ନିମନ୍ତେ ବିଶ୍ୱବ୍ୟାଙ୍କ ଦ୍ୱାରା ବିକଶିତ ସର୍ଭେ ସଲ୍ୟୁସନ୍ ସଫ୍ଟୱୟାରର ବ୍ୟବହାର ଉପରେ ୫ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଭୁବନେଶ୍ୱର କୌଶଲ୍ୟାଗଙ୍ଗସ୍ଥିତ କେନ୍ଦ୍ରୀୟ ମିଠାଜଳ ଜୀବପାଳନ ଅନୁସନ୍ଧାନ ପ୍ରତିଷ୍ଠାନ (ସିଫା) ଠାରେ ଆୟୋଜନ କରାଯାଇଛି । ଜାନୁଆରୀ ୨୭ରୁ ୩୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ୫ ଦିନିଆ ଏହି କର୍ମଶାଳାକୁ ଯୋଜନା ଓ ସଂଯୋଜନ ବିଭାଗର ଅତିରିକ୍ତ ସଚିବ ଶ୍ରୀ ପ୍ରକାଶ ଚନ୍ଦ୍ର ମହାନ୍ତି ଉଦଘାଟନ କରିଥିଲେ । ଉଦଘାଟନୀ ପର୍ଯ୍ୟାୟରେ ଅନ୍ୟମାନଙ୍କ ମଧ୍ୟରେ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡଃ.ବିଜୟ ଭୂଷଣ ନନ୍ଦ ପ୍ରଶିକ୍ଷଣର ଆଭିମୁଖ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ, ଯୁଗ୍ମ ନିର୍ଦ୍ଦେଶକ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏଥିରେ ଓଡ଼ିଶା ଓ ସିକ୍କିମ ରାଜ୍ୟର ୩୫ ଜଣ ଅଧିକାରୀ ଯୋଗଦେଇଛନ୍ତି ଏବଂ ବିଶ୍ୱବ୍ୟାଙ୍କର ବୈଷୟିକ ବିଶେଷଜ୍ଞମାନେ ତାଲିମ ପ୍ରଦାନ କରିବେ ।

## ନୂଆଦିଲ୍ଲୀରେ ୨ ଦିନିଆ ଜାତୀୟ ସମ୍ମିଳନୀ ଉଦ୍‌ଯାପିତ



**ନୂଆଦିଲ୍ଲୀ:** କେନ୍ଦ୍ର ଶ୍ରମ ଓ ନିଯୁକ୍ତି ଏବଂ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡ. ମନସୁଖ ମାଣ୍ଡଭିୟଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ମାନ୍ୟବର ଶ୍ରମମନ୍ତ୍ରୀ ଓ ଶ୍ରମ ସଚିବଙ୍କୁ ନେଇ ଦୁଇ ଦିନିଆ କର୍ମଶାଳା ଆଜି ଶେଷ ହୋଇଛି । ଏହି କର୍ମଶାଳାରେ ମାନ୍ୟବର ଶ୍ରମ ଓ ନିଯୁକ୍ତି ରାଷ୍ଟ୍ରମନ୍ତ୍ରୀ ଶୋଭା କରନ୍ଦଲାଜେ, ବିଭିନ୍ନ ରାଜ୍ୟ/କେନ୍ଦ୍ର ଶାସିତ ଅଞ୍ଚଳର ଶ୍ରମ ମନ୍ତ୍ରୀ, ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟର ସଚିବ ସୁମିତା ଦାୱ୍ରା ଏବଂ ରାଜ୍ୟ/କେନ୍ଦ୍ର ଶାସିତ ଅଞ୍ଚଳର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଗତବର୍ଷ ସମସ୍ତ ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସହ ହୋଇଥିବା ୬ଟି ଆଞ୍ଚଳିକ କର୍ମଶାଳା ଏବଂ ଅନ୍ୟାନ୍ୟ ଆଲୋଚନାର ସଫଳ ଫଳାଫଳକୁ ଏହି ବୈଠକରେ ଚୂଡ଼ାନ୍ତ କରାଯାଇଥିଲା । କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତି ଉଦ୍ଦେଶ୍ୟରେ ଦୁଇ ଦିନ ଧରି ପାଞ୍ଚଟି ଅଧିବେଶନରେ ୧୦ରୁ ଅଧିକ ବିଷୟ ଉପରେ ବ୍ୟାପକ ଆଲୋଚନା କରାଯାଇ ତଥ୍ୟ ସଂଗ୍ରହ କରାଯାଇଥିଲା । ୫ଟି ଲେଖାଏଁ ରାଜ୍ୟର ୩ଟି କମିଟି ଗଠନ କରାଯାଇଛି । ଏହି କର୍ମଶାଳାରେ ହୋଇଥିବା ଆଲୋଚନା ଆଧାରରେ ଏହି କମିଟିଗୁଡ଼ିକ ଆଲୋଚନା କରି ଶ୍ରମିକମାନଙ୍କ ପାଇଁ ବ୍ୟାପକ ସାମାଜିକ ସୁରକ୍ଷା କଭରେଜ୍ ପାଇଁ ଏକ ସ୍ଥାୟୀ ମଡେଲ୍ ପ୍ରସ୍ତୁତ କରିବେ, ଯାହା ମାର୍ଚ୍ଚ ୨୦୨୫ରେ ଉପସ୍ଥାପିତ ହେବ । ଦୁଇ ଦିନିଆ କର୍ମଶାଳାରେ ହୋଇଥିବା ଆଲୋଚନା ଓ ପରାମର୍ଶକୁ ଉଲ୍ଲେଖ କରି କେନ୍ଦ୍ରମନ୍ତ୍ରୀ ତାଙ୍କ ଅଭିଭାଷଣରେ ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ବ୍ୟାପକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିଥିଲେ । ଗତ ଦୁଇ ଦିନ ମଧ୍ୟରେ ବିଭିନ୍ନ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ଦ୍ୱାରା ପ୍ରଦର୍ଶିତ ସର୍ବୋତ୍ତମ ଅଭ୍ୟାସ ଗ୍ରହଣ କରିବାର ସମ୍ଭାବ୍ୟତା ଆକଳନ କରିବାକୁ ସେ ରାଜ୍ୟମାନଙ୍କୁ ଅନୁରୋଧ କରିଥିଲେ । ସଂଗଠିତ ଏବଂ ଅସଂଗଠିତ ଶ୍ରମିକଙ୍କ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ସଂସ୍କାର ଏବଂ ପଦକ୍ଷେପ ଗ୍ରହଣ କରିବା ପାଇଁ ମନ୍ତ୍ରଣାଳୟ ରାଜ୍ୟ ସରକାରଙ୍କ ସହ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ ଏବଂ ଏହା ଜାରି ରହିବ ବୋଲି ସେ ଗୁରୁତ୍ୱାରୋପ କରିଥିଲେ ।




ପୁରୀ ସ୍ମାର୍ଟ ମିଟର ପ୍ରଚଳନ ବନ୍ଦ ଦାବିରେ ପୁରୀ ଜିଲ୍ଲା ଓକିଲ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଅଛି ।



ପୁରୀ ଜିଲ୍ଲା ବିଦ୍ୟୁତ୍ ଉପଭୋକ୍ତା ସୁରକ୍ଷା ମଞ୍ଚ ପକ୍ଷରୁ ଟିପିସିଓଡିଏଲ୍‌ର ସହ ପରିଚାଳକ ସ୍ମୃତିଚରଂଜ ସ୍ୱାଇଁଙ୍କୁ ସ୍ମାର୍ଟ ମିଟର ଲଗାଇବା ବିରୋଧ କରି ଏକ୍ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି ।



ଉତ୍କଳ ବିଦ୍ୟୁତ ପରିଷଦ ଓ ଆପଣଙ୍କ ସେବାରେ ଅନୁଷ୍ଠାନ ପକ୍ଷରୁ ସମୂହ ବ୍ରତୋପନୟନ ସମାରୋହ ଅନୁଷ୍ଠିତ






# ସିଏମ୍ ଫୁଟ୍ବଲ ଚମ୍ପିୟାନସିପ ଉଦଯାପିତ



ପୁରୀ: ମୁଖ୍ୟମନ୍ତ୍ରୀ ଟ୍ରଫି ଅନ୍ତର୍ଗତ ୧୫ ବର୍ଷରୁ କମ ବାଳକ ଆନ୍ତଃ କ୍ଲବ ଫୁଟବଲ ଚମ୍ପିୟାନସିପ ଆଜି ଉଦଯାପିତ ହୋଇ ଯାଇଛି ।ପୁରୀ ଜିଲ୍ଲା କ୍ରୀଡା ସଂସଦ ଓ ନୀଳଚକ୍ର ସ୍ପୋର୍ଟ୍ସ କ୍ଲବ ପୁରୀ ଙ୍କ ମିଳିତ ସହଯୋଗ ରେ ତାଳବଣିଆ ଇଣ୍ଡୋର ଷ୍ଟାଡିୟମ ଠାରେ ଏହି ଚମ୍ପିୟାନସିପ ଅନୁଷ୍ଠିତ ହୋଇଥିଲା ।ସିଏମ ଟ୍ରଫି ଜିଲ୍ଲା ସ୍ତରୀୟ ଫୁଟ୍ବଲ ଚମ୍ପିୟାନସିପ ୨୦୨୫ ଆନୁକୂଲ୍ୟରେ ଆରମ୍ଭ ହୋଇଥିବାଏହି ଚମ୍ପିୟାନସିପରେ ୭ ଟି ଦଳ ଯଥା ଶ୍ରୀ ନିଳଚକ୍ର ସ୍ପୋର୍ଟ୍ସ କ୍ଲବ,ନୀତା ଫୁଟ୍ବଲ ଏକାଡେମୀ, ନିଳଚକ୍ର ସ୍ପୋର୍ଟ୍ସ କ୍ଲବ,ପୁରୀ ଜିଲ୍ଲା ସ୍କୁଲ ସ୍ପୋର୍ଟ୍ସ ଜୋନ, ନିମାପଡା ଆଥଲେଟିକ ଆସୋସିଏସନ, କଳିଙ୍ଗ ସ୍ପର୍ଟିଂ,ନିମାପଡା ସ୍ପୋର୍ଟ୍ସ ଏକାଡେମୀ ଅଂଶଗ୍ରହଣ କରିଥିଲେ ।ଫାଇନାଲ ମ୍ୟାଚରେ ନୀତା ଫୁଟ୍ବଲ ଏକାଡେମୀ ନୀଳଚକ୍ର ସ୍ପୋର୍ଟ୍ସ କ୍ଲବକୁ ୫-୦ ଗୋଲ ବ୍ୟବଧାନରେ ପରାସ୍ତ କରି ବିଜୟୀ ହୋଇଥିଲା ।ଉଦଯାପନୀ କାର୍ଯ୍ୟକ୍ରମ ରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କ୍ରୀଡା ଶୃଙ୍ଖଳା ଓ ଭାଇଚାରାର ଶିକ୍ଷା ଦେଇଥାଏ । ବର୍ତ୍ତମାନ କ୍ରୀଡା କ୍ଷେତ୍ରରେ ଅନେକ ସୁଯୋଗ ରହିଛି ।ସରକାର କ୍ରୀଡା ଓ କ୍ରୀଡାବିତ ଙ୍କ ବିକାଶ ପାଇଁ ମଧ୍ୟ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି ।ତେଣୁ ଛାତ୍ରଛାତ୍ରୀ ମାନଙ୍କ ପାଠ ପଢିବା ସହ କ୍ରୀଡା କୁ ମଧ୍ୟ କ୍ୟାରିଅର କରି ପାରିବେ ବୋଲି ସେ କହିଥିଲେ ।ପରେ ଚମ୍ପିୟାନ ଓ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା ।କ୍ରୀଡା ସଂସଦ ର ପୂର୍ବତନ ଉପ ସଭାପତି ରାମଚନ୍ଦ୍ର ଦାସ ମହାପାତ୍ର,ଓଡିଶା ଅଲମ୍ପିକ ସଂଘର କୋଷାଧ୍ୟକ୍ଷ ରବି ଶଙ୍କର ପ୍ରତିହାରୀ, ଶ୍ରୀ ନିଳଚକ୍ର ସ୍ପୋର୍ଟ୍ସ କ୍ଲବର ସଭାପତି ଜଗନ୍ନାଥ ରେଡ଼ି, ସମ୍ପାଦକ ସନ୍ତୋଷ କୁମାର ଛୁଆଳସିଂ,ପୁରୀ ବକ୍ସିଂ ଏକାଡେମୀ ର ସମ୍ପାଦକ ସୁଦର୍ଶନ ସାହୁ ପ୍ରମୁଖ ଯୋଗ ଦେଇ ଦେଇଥିଲେ । କାର୍ଯ୍ୟକ୍ରମ ରେ କ୍ରୀଡା କାର୍ଯ୍ୟାଳୟର କର୍ମଚାରୀ ମାନେ ସହଯୋଗ କରିଥିଲେ ।

# ସଚିନ ତେନ୍ଦୁଲକରଙ୍କୁ ମିଳିବ ଜୀବନବ୍ୟାପୀ ସମ୍ମାନ



ନୂଆଦିଲ୍ଲୀ: କ୍ରିକେଟର ଭଗବାନ ଭାବରେ ଜଣାଶୁଣା ସଚିନ ତେନ୍ଦୁଲକରଙ୍କୁ ବିସିସିଆଇ ଏକ ବଡ଼ ସମ୍ମାନରେ ସମ୍ମାନିତ କରିବାକୁ ଯାଉଛି । ତାଙ୍କୁ ଖୁବଶୀଘ୍ର ଜୀବନବ୍ୟାପୀ ସାଧନା ପୁରସ୍କାରରେ ସମ୍ମାନିତ କରାଯିବ ବୋଲି ଜଣାପଡ଼ିଛି । ଶନିବାର ମୁମ୍ବାଇରେ ବୋର୍ଡର ବାର୍ଷିକ ସମାରୋହରେ ତାଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯିବ। ଭାରତ ପାଇଁ ୬୬୪ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ୫୧ ବର୍ଷୀୟ ସଚିନ କ୍ରିକେଟ ଇତିହାସରେ ସର୍ବାଧିକ ଟେଷ୍ଟ ଏବଂ ଦିନିକିଆ ରନ୍ ସ୍କୋର କରିବାର ରେକର୍ଡ ରଖିଛନ୍ତି। ଏବେ ତାଙ୍କୁ ୨୦୨୪ ବର୍ଷ ପାଇଁ ସିକେ ନାଇଡୁ ଜୀବନବ୍ୟାପୀ ସାଧନା ପୁରସ୍କାର ମିଳିବ ବୋଲି ଚର୍ଚ୍ଚା ହେଉଛି । ହେଲେ ଏପର୍ଯ୍ୟନ୍ତ ବିସିସିଆଇ ପକ୍ଷରୁ କେ?ଣସି ଅଧିକାରୀକ ଘୋଷଣା କରାଯାଇନାହିଁ। ସଚିନ ୨୦୦ ଟେଷ୍ଟ ଏବଂ ୪୬୩ ଦିନିକିଆ ଖେଳିଛନ୍ତି, ଯାହା କ୍ରିକେଟ ଇତିହାସରେ ଅନ୍ୟ ଖେଳାଳିଙ୍କଠାରୁ ସର୍ବାଧିକ। ସେ ଦିନିକିଆରେ ୧୮,୪୨୬ ରନ୍ କରିବା ସହିତ ଟେଷ୍ଟରେ ୧୫,୯୨୧ ରନ୍ କରିଥିଲେ। ସେ ତାଙ୍କ ଚମତ୍କାର କ୍ୟାରିୟରରେ କେବଳ ଗୋଟିଏ ଟି-୨୦ ଆନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ପୂର୍ବତନ ଭାରତୀୟ ମୁଖ୍ୟ ପ୍ରଶିକ୍ଷକ ରବି ଶାସ୍ତ୍ରୀ ଏବଂ ପୂର୍ବତନ କିମ୍ବଦନ୍ତୀ ୱିକେଟକିପର ଫାରୁକ ଇଞ୍ଜିନିୟର ଏହି ପୁରସ୍କାର ଗ୍ରହଣ କରିଛନ୍ତି।

# କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ପୁରୀ ମେରାଇନ ଟିମ ବିଜୟୀ



ପୁରୀ: ପୁରୀ ଜିଲ୍ଲା ମତ୍ସ୍ୟ କାର୍ଯ୍ୟାଳୟ ଆନୁକୂଲ୍ୟରେ ଆଜି ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶ୍ରୀ ଜଗନ୍ନାଥ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଥିଲା ।ଏଥିରେ ଜିଲ୍ଲା ମତ୍ସ୍ୟ କାର୍ଯ୍ୟାଳୟ,ସାମୁଦ୍ରିକ କାର୍ଯ୍ୟାଳୟ ବା ମେରାଇନ ଅଫିସ ଅସ୍ତରଙ୍ଗ,ପୁରୀ ଓ ବ୍ରହ୍ମଗିରି ର କ୍ରୀଡାବିତ ମାନେ ଅଂଶଗ୍ରହଣ କରିଥିଲେ ।ଏହି ଦିନିକିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ କୁ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଉଦଘାଟନ କରିବା ସହ ପାରସ୍ପରିକ ସହଯୋଗ ଓ ସମନ୍ୱୟ ଯୋଡିବାରେ ଏହି କ୍ରୀଡା ସହାୟକ ହେବ ଏବଂ ଏହା ଦ୍ୱାରା ଭାଇଚାରା ସୁଦୃଢ ହେବ ବୋଲି କହିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ ଡା ଶରତ କୁମାର ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଉପସ୍ଥିତ ରହି କ୍ରିଡାବିତ ଙ୍କୁ ଉତ୍ସାହିତ କରିଥିଲେ । ଜିଲ୍ଲା ମତ୍ସ୍ୟ ଅଧିକାରୀ ବିଭୁତି ରଞ୍ଜନ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ସମସ୍ତ ସହଯୋଗ ପ୍ରଦାନ କରିଥିଲେ ।ଫାଇନାଲରେ ପୁରୀ ମେରାଇନ ଟିମ ଜିଲ୍ଲା ମତ୍ସ୍ୟ ବିଭାଗ ଟିମକୁ ପରାସ୍ତ କରି ବିଜୟୀ ହୋଇଥିଲା ।ପୁରୀ ମେରାଇନ ୧୦ ଓଭରରେ ୭ ୱିକେଟ ୧୫୧ ରନ କରିଥିବା ବେଳେ ଜିଲ୍ଲା ମତ୍ସ୍ୟ ଟିମ ୧୦ ଓଭରରେ ୮ ୱିକେଟ ହରାଇ ୯୩ ରନ କରି ଥିଲେ । ମେରାଇନ ଟିମ ର ମାନସ କୁମାର ପରିଡା ୭୨ ରନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ ।

# ଭାରତ-ଇଂଲଣ୍ଡ ଦିନିକିଆ ମ୍ୟାଚ୍ ପାଇଁ ବାରବାଟୀ ଷ୍ଟାଡ଼ିୟମର ପ୍ରସ୍ତୁତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ








**କଟକ:** ୯ ତାରିଖରେ ବାରବାଟୀ ଷ୍ଟାଡିୟମ୍‌ରେ ହେବାକୁ ଥିବା ଭାରତ-ଇଂଲଣ୍ଡ ଦିନିକିଆ ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ୍। ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାରବାଟୀ ଷ୍ଟାଡିୟମ୍ ଗସ୍ତ କରି ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ମ୍ୟାଚ୍ ପାଇଁ ପଡ଼ିଆରେ ପ୍ରସ୍ତୁତିକୁ ବୁଲି ଦେଖିବା ସହିତ ମ୍ୟାଚ୍ ଆୟୋଜନ ସଂକ୍ରାନ୍ତରେ ଓଡ଼ିଶା କ୍ରିକେଟ୍ ସଂଘ (ଓସିଏ) କର୍ତ୍ତୃପକ୍ଷଙ୍କ ସହିତ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି ଅବସରରେ ଆସନ୍ତା ମ୍ୟାଚ୍‌କୁ ଆଧାର କରି ଓସିଏ ପକ୍ଷରୁ ନିର୍ମିତ ହୋଇଥିବା ଥିମ୍ ସଙ୍ଗ୍ 'ସ୍ୱାଗତ ସୁସ୍ୱାଗତ'କୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ଉନ୍ମୋଚନ କରିଥିଲେ। ଓଡ଼ିଆ ସ୍ୱାଭିମାନ, ଐତିହ୍ୟ, କଳା, ସଂସ୍କୃତି ଓ ପରମ୍ପରାକୁ ଆଧାର କରି ନିର୍ମାଣ ହୋଇଥିବା ଏହି ସଂଗୀତକୁ ସଫଳ କରିବାରେ ଗୀତିକାର ବିଜୟ ମଲ୍ଲ, ସଙ୍ଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦ, ପ୍ରଚ୍ଛଦପଟ ଗାୟକ ଋତୁରାଜ ମହାନ୍ତି, ରାପର ବିଗ୍ ଡିଲ୍ (ସମୀର ମହାନ୍ତି) ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଥି ସହିତ ପ୍ରଥମ ଥର ପାଇଁ ଓସିଏ ପକ୍ଷରୁ ଷ୍ଟାଡିୟମ୍‌ରେ ନିର୍ମାଣ ହୋଇଥିବା ଲିଜେଣ୍ଡାରି ବକ୍ସକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବୁଲି ଦେଖିବା ସହ ଏଭଳି ସାଧୁ ଉଦ୍ୟମ ପାଇଁ ଓସିଏ କର୍ତ୍ତୃପକ୍ଷଙ୍କ ଧନ୍ୟବାଦ ଜଣାଇଥିଲେ। ଏହି ଲିଜେଣ୍ଡାରି ବକ୍ସରେ ଓଡ଼ିଶା ମାଟିର ବରପୁତ୍ର, କିଂବଦନ୍ତି ଖେଳାଳି, ପଦ୍ମ ପୁରସ୍କାରପ୍ରାପ୍ତ ବ୍ୟକ୍ତିମାନଙ୍କୁ ସ୍ଥାନ ଦିଆଯାଇଛି। କୌଣସି ଆନ୍ତର୍ଜାତିକ ମ୍ୟାଚ୍ ପକ୍ଷରୁ ବାରବାଟୀ ଷ୍ଟାଡିୟମ୍‌କୁ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ପରିଦର୍ଶନ ଓ ସ୍ଥିତି ସମୀକ୍ଷା କରିବା ଓଡ଼ିଶାର ପ୍ରଥମ ଘଟଣା। ଏଥି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ଓସିଏ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ଓସିଏ ପକ୍ଷରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ସମେତ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ବାରବାଟୀ ଷ୍ଟାଡିୟମ ପିଚ୍‌ରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବ୍ୟାଟିଂ କରିବା ସହିତ ଓସିଏ ପ୍ରସ୍ତୁତିରେ ସନ୍ତୋଷ ବ୍ୟକ୍ତ କରିଥିଲେ।

# ପ୍ରଦର୍ଶନୀ କ୍ରିକେଟ ମ୍ୟାଚ ରେ ଗଣମାଧ୍ୟମ ଏକାଦଶ ବିଜୟୀ



ପୁରୀ: ଗଣତନ୍ତ୍ର ଦିବସରେ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମ ଠାରେ ଜିଲ୍ଲା ପ୍ରଶାସନ ଏକାଦଶ ଓ ଗଣମାଧ୍ୟମ ଏକାଦଶ ମଧ୍ୟରେ ବନ୍ଧୁତ୍ୱ ପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ମ୍ୟାଚରେ ଜିଲ୍ଲା ପ୍ରଶାସନ ଏକାଦଶ କୁ ହରାଇ ଗଣମାଧ୍ୟମ ଏକାଦଶ ବିଜୟୀ ହୋଇଥିଲା । ବିଜୟୀ ଓ ରନରସ୍ ଅପ ଦଳକୁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ପରିଷଦର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ସୂଚନା ଓ ଲୋକ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରିଡା ଅଧିକାରୀ ଚନ୍ଦନ ସାହୁ ଓ ପୂର୍ବତନ କ୍ରିଡା ସଂସଦ ସମ୍ପାଦକ ରବି ଶଙ୍କର ପ୍ରତିହାରୀ ସମ୍ବର୍ଦ୍ଧିତ କରିଥିଲେ। ମ୍ୟାଚରେ ସହଯୋଗ ଓ ଧାରା ବିବରଣୀ ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା ରଞ୍ଜିତ ମିଶ୍ର ପ୍ରଦାନ କରିଥିଲେ।

# ୪୩ ତମ ଜାତୀୟ ସୁଟିଂବଲ ଚମ୍ପିୟାନସିପ

ପୁରୀ: ପୁରୀ ତାଳବଣିଆ ଇଣ୍ଡୋର ଷ୍ଟାଡିୟମ ଠାରେ ୩ ଦିନିଆ ୪୩ ତମ ସୁଟିଂ ବଲ ଚମ୍ପିୟାନସିପ ଅନୁଷ୍ଠିତ ହୋଇଯାଇଛି। ଓଡିଶା ସୁଟିଂ ବଲ ଆସୋସିଏସନ ପକ୍ଷରୁ ଆୟୋଜିତ ଏହି ଚମ୍ପିୟାନସିପକୁ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେକ୍ରେଟାରୀ ଜେନେରାଲ ରବୀନ୍ଦ୍ର ସିଂ ତୋମାର, ସୁଟିଂ ବଲ ଫେଡେରେସନ ଇଣ୍ଡିଆ ର ସେକ୍ରେଟାରୀ ଜେନେରାଲ ଜିତରାଜ ତୋମାର, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଓଡିଶା ଅଲମ୍ପିକ ଆସୋସିଏସନ କୋଷାଧ୍ୟକ୍ଷ, ଜିଲ୍ଲା କ୍ରୀଡା ଅଧିକାରୀ ପ୍ରମୁଖ ଯୋଗ ଦେଇ କ୍ରୀଡା ଶୃଙ୍ଖଳା ଓ ଭାଇଚାରାର ବାର୍ତ୍ତା ଦେଇଥାଏ ବୋଲି କହିଥିଲେ।






ପୁରୀର ତାଳବଣିଆସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ୍ ଆସୋସିଏସନ୍ ଦ୍ୱାରା ଆୟୋଜିତ ୩୦ତମ ଜୁନିଅର ବାଳକ ରାଜ୍ୟ ହ୍ୟାଣ୍ଡବଲ୍ ଚାମ୍ପିଅନସିପରେ ମୁଖ୍ୟ ଅତିଥି ଭାବେ ସାଂସଦ ଡ. ସମ୍ବିତ ପାତ୍ର ଏବଂ




ଭାରତୀୟ ବୈଦେଶିକ ସେବା ଅଧିକାରୀ ପ୍ରଶିକ୍ଷାର୍ଥୀମାନେ ଇଣ୍ଡକ୍ସନ ଟ୍ରେନିଂ କାର୍ଯ୍ୟକ୍ରମ ଅବସରରେ କଳିଙ୍ଗ ଷ୍ଟାଡ଼ିୟମ ପରିଦର୍ଶନ କରିଛନ୍ତି। ଏହାସହ ଓଡ଼ିଶାର ବିଶ୍ୱସ୍ତରୀୟ କ୍ରୀଡା ଭିତ୍ତିଭୂମି ଏବଂ ଉଚ୍ଚପ୍ରଦର୍ଶକ କେନ୍ଦ୍ରଗୁଡ଼ିକ ବିଷୟରେ ଅନ୍ତର୍ଦୃଷ୍ଟି ହାସଲ କରିଥିଲେ। ସେମାନଙ୍କ ପରିଦର୍ଶନ ସମୟରେ, ପ୍ରଶିକ୍ଷାର୍ଥୀମାନେ କ୍ରିଡା ଓ ଯୁବ ବ୍ୟାପାର ପ୍ରମୁଖ ସଚିବ ଭାସ୍କର ଶର୍ମାଙ୍କ ସହ ଆଲୋଚନା କରିବା ସହ ଓଡ଼ିଶାର କ୍ରୀଡା କ୍ଷେତ୍ରରେ ପଦକ୍ଷେପ ଏବଂ ସଫଳତା ବିଷୟରେ ଆଲୋଚନା କରିଥିଲେ।





ପୁରୀ ନରେନ୍ଦ୍ର କୋଣ ଠାରେ ଅବସ୍ଥାପିତ ବାବା ବାଲି କପିଳେଶ୍ୱର ଦେବଙ୍କ ମନ୍ଦିରର ପହିଲି ଭୋଗ କାର୍ଯ୍ୟକ୍ରମରେ ସାଂସଦ ଡ. ସମ୍ବିତ ପାତ୍ର ଏବଂ ପୂର୍ବତନ ବିଧାୟକ ଜୟନ୍ତ ଷଡଙ୍ଗୀ ଅତିଥି ଭାବେ ଯୋଗଦେଇ ବାବାଙ୍କ ଆଶିର୍ବାଦ ଭିକ୍ଷା କରିଥିଲେ ।

## ହକି ଇଣ୍ଡିଆ ଲିଗ୍‌ର ଫାଇନାଲ ମ୍ୟାଚ୍‌ରେ ଯୋଗଦେବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଆକ୍ଟ୍ରେସ୍ ସାରା ଅଲୀ ଖାନ

**ରାଉରକେଲା:** ଶନିବାର ଦିନ ହକି ଇଣ୍ଡିଆ ଲିଗ୍‌ର ଫାଇନାଲ ମ୍ୟାଚ୍ ଓ ତୃତୀୟ ସ୍ଥାନ ପାଇଁ ମ୍ୟାଚ୍ ଖେଳାଯିବ। ଉକ୍ତଦିନ ସଂନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କର୍ଯ୍ୟକ୍ରମ ପରିବେଷିତ ହେବ। ମନୋରମ ସାଂସ୍କୃତିକ କାର୍ଯ୍ୟକ୍ରମରେ ବଲିଉଡ୍ ନାୟିକା ସାରା ଅଲୀ ଖାନ ଯୋଗଦେବେ। ସାରା ନିଜର ବିଭିନ୍ନ ହିଟ୍ ଗୀତର ତାଳେତାଳେ ନୃତ୍ୟ ପରିବେଷଣ କରିବେ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଫାଇନାଲ ମ୍ୟାଚ୍ ପୂର୍ବରୁ ଅନୁଷ୍ଠିତ ହେବ। ଏଥିପାଇଁ ତୃତୀୟ ସ୍ଥାନ ପାଇଁ ଖେଳାଯିବାକୁ ମ୍ୟାଚ୍ ସନ୍ଧ୍ୟା ୬.୧୫ ମିନିଟ୍ ପରିବର୍ତ୍ତେ ଅଧ ଘଣ୍ଟା ଆଗରୁ, ଅର୍ଥାତ୍ ୫.୪୫ ମିନିଟ୍‌ରେ ଆରମ୍ଭ ହେବ। ଏହାସହ ଉକ୍ତ ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉତ୍ସବରେ ମୁଖ୍ୟଅତିଥିଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ ପଲ୍ଲୀଶ୍ରୀ ମେଳାଙ୍କୁ ଉଦ୍‌ଘାଟନ କଲାପରେ ଫାଇନାଲ ମ୍ୟାଚ୍‌ରେ ଯୋଗଦେବେ। ମନୋରମ ସାଂସ୍କୃତିକ କାର୍ଯ୍ୟକ୍ରମରେ ବଲିଉଡ୍ ନାୟିକା ସାରା ଅଲୀ ଖାନ ଯୋଗଦେବେ। ସାରା ନିଜର ବିଭିନ୍ନ ହିଟ୍ ଗୀତର ତାଳେତାଳେ ନୃତ୍ୟ ପରିବେଷଣ କରିବେ।




ଉତ୍ତରାଖଣ୍ଡରେ ଅନୁଷ୍ଠିତ ୩୮ତମ ଜାତୀୟ କ୍ରୀଡାରେ ସ୍ୱର୍ଣ୍ଣ ଜିତିବା ପାଇଁ ଓଡ଼ିଶାର ଚମତ୍କାର 4x100 ମେଡଲି ରିଲେ ମହିଳା ସନ୍ତରଣ ଦଳ ପୁରସ୍କୃତ।





ଗାନ୍ଧୀ ସ୍ମୃତି ଏବଂ ଦର୍ଶନ ସମିତିରେ ମହାତ୍ମା ଗାନ୍ଧୀଙ୍କ ୭୭ତମ ସହିଦ ଦିବସ ଅବସରରେ ତାଙ୍କର ଶାନ୍ତି, ଏକତା ଏବଂ ଅହିଂସାର ଐତିହ୍ୟକୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଆନ୍ତଃଧର୍ମ ପ୍ରାର୍ଥନା ସଭାରେ ମୁଖ୍ୟ ଅତିଥି ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେଇ ସ୍ମୃତି ସମ୍ମାନ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ମଧ୍ୟ ସମ୍ମାନିତ ଅତିଥି ଯୋଗଦେଇ ନିଜର ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

Printed, Published by : Rajesh Kumar Mohanty on behalf of Shree Shrikshetra Soochana, Raghunath Bhavan, Narendra Kona, Jagannath Puri-752001 (Odisha), Printed at : AB IMAGING & PRINTS PVT. LTD., 62 & 63, GANGA NAGAR, UNIT-6, Bhubaneswar, 751001, (Odisha), Mob- 9437058632, Email- soochananews111@gmail.com

Edited by
Rajesh Kumar Mohanty